୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.82 Bhubaneswar Sunday May 05 2024 | ୨୬ତମ ବର୍ଷ ସଂଖ୍ୟା-୮୨ ଭୁବନେଶ୍ୱର, ରବିବାର, ମଇ ୦୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ବାୟୁସେନାର କନଭୟ ଉପରେ ବଡଧରଣର ଆତଙ୍କବାଦୀ ହମଲା

ଭୁବନେଶ୍ୱର,୪।୫(ପି.ଏନ): ନିର୍ବାଚନ ବେଳେ ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ହୋଇଛି ବଡଧରଣର ଆତଙ୍କୀ ହମଲା। ଜମ୍ମୁ-କଶ୍ମୀରର ପୁଞ୍ଚ ଅନ୍ତର୍ଗତ ସୁରାନକୋଟେରେ ଆଜି ଭାରତୀୟ ବାୟୁସେନାର କନଭୟରେ ଥିବା ୨ଟି ଗାଡି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ସେମାନେ ଗ୍ରେନେଡ ଓ ଗୁଳିମାଡ କରିବାରୁ ୫ ଜଣ ଯବାନ ଆହତ ହୋଇଥିବା ଖବର ଆସିଛି। ସେମାନଙ୍କୁ ଉଦ୍ଧମପୁର ସ୍ଥିତ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଛି। ହମଲା ସମ୍ପର୍କରେ ଖବର ମିଳିବା ପରେ କନଭୟରେ ଥିବା ଯବାନଙ୍କୁ ବ୍ୟାକଅପ ଦେବାକୁ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଇ ଯାଇଛି। ଏବେ ସେଠାରେ ଆତଙ୍କବାଦୀ ନିରୋଧ ଅପରେସନକୁ ଜୋରଦାର କରାଯାଇଛି।




## ଆସନ୍ତାକାଲି ରାତି ସାଢେ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଭୁବନେଶ୍ୱର,୪।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ( ମେ'୫ ତାରିଖ) ରାତି ସାଢେ ୯ଟାରେ ଭୁବନେଶ୍ୱରରେ ପହଞ୍ଚିବେ। ଏନେଇ ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ କାଲି ରାତିରେ ସ୍ୱତନ୍ତ୍ର ବିମାନରେ ପହଞ୍ଚିବେ ଏବଂ ଭୁବନେଶ୍ୱରରେ ରହିବେ। ଏଠାରୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ବ୍ରହ୍ମପୁର ଏବଂ ନବରଙ୍ଗପୁରରେ ଆୟୋଜିତ ସଭାରେ ଉଦବୋଧନ ଦେବେ। ଗୋଲକ ମହାପାତ୍ର କହିଛନ୍ତି, ନବୀନ ସରକାର ଅମଳରେ ରାଜ୍ୟରେ ଗରିବୀ ବଢ଼ିଛି।



କିନ୍ତୁ ବିଜେପି ସରକାର ଆସିଲେ କେମିତି ଓଡିଶାରୁ ଗରିବୀ ହଟିବ। କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ।

## ଓଡିଶାରେ ଜୟଶଙ୍କର, କର୍ମୀଙ୍କୁ ଦେବେ ଗୁରୁଜ୍ଞାନ

ଭୁବନେଶ୍ୱର,୪।୫(ପି.ଏନ): ଆଜିଠାରୁ ଦୁଇ ଦିନିଆ ଓଡିଶା ଗସ୍ତରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ସେ ଆଜି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ ପ୍ରୋଗ୍ରାମରେ ଯୋଗ ଦେବାର ସୂଚନା ରହିଛି । ଜୟଶଙ୍କର ଭୁବନେଶ୍ୱର ସମେତ କଟକ ଏବଂ ସମ୍ବଲପୁର କାର୍ଯ୍ୟକ୍ରମରେ ଯୋଗଦାନ ଦେବାର ପୋଗ୍ରାମ ରହିଛି ।ଓଡିଶାରେ କିପରି ବିଜେପି ସରକାର ଗଠନ ହେବ ଏବଂ ଅଧିକ ସିଟ୍ ହାତେଇବ ସେ ସମ୍ପର୍କରେ ଆଜି ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିବେ । ଆଜି ସନ୍ଧ୍ୟାରେ କଟକଠାରେ କର୍ମୀ ସମ୍ମିଳନୀ ବୈଠକରେ ଗୁରୁଜ୍ଞାନ ଦେବେ । ଏହା ସହ ସମ୍ବଲପୁରରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗ ଦେବା ସହ ସାମ୍ବାଦିକ ସମ୍ମିଳନୀର କାର୍ଯ୍ୟକ୍ରମ ରହିଛି ।ସେପରି ବିଜେପି ରଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଆସନ୍ତାକାଲି ରାଜ୍ୟ ବିଜେପିର ନିର୍ବାଚନୀ ଇସ୍ତାହାର ଲୋକାର୍ପଣ କରିବାର କରିବାର ପ୍ରୋଗ୍ରାମ ରହିଛି । ଅନ୍ୟପଟେ ୬ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଓଡିଶା ଆସିବେ । ଜୟଶଙ୍କର ଓ କେନ୍ଦ୍ରର ଶୀର୍ଷ ନେତୃତ୍ୱଙ୍କ ଆଗମନ ନେଇ ଓଡିଶାର କର୍ମୀମାନେ ବେଶ୍ ଉତ୍ସାହିତ ରହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆସିବା ନେଇ ସାରା ରାଜ୍ୟରେ ବିଜେପି କର୍ମକର୍ତ୍ତାମାନେ ବେଶ ଖୁସି ରହିଛନ୍ତି । ୬ ତାରିଖରେ ମୋଦିଙ୍କ ଆଗମନ ପରେ ସେ ନବରଙ୍ଗପୁର ଏବଂ ବ୍ରହ୍ମପୁର ଏହି ଦୁଇଟି ନିର୍ବାଚନ ମଣ୍ଡଳୀରେ ଜନ ସମାରୋହରେ ଜନତାଙ୍କୁ ସମ୍ବୋଧିତ କରିବେ ଏବଂ ତା'ପରେ ଜନ ସମାବେଶରେ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି ।

## କଂଗ୍ରେସରେ ଯୋଗ ଦେଲେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ

ଭୁବନେଶ୍ୱର,୪।୫(ପି.ଏନ): ଟିକେଟ ଆଶାରେ ବିଜେଡି ଛାଡି ବିଜେପିରେ ମିଶିଥିଲେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ। ଯାଜପୁର ଜିଲ୍ଲା ବରୀ ଆସନରୁ ବିଜେପି ଟିକେଟ୍ ନ ଦେବାରୁ ଅସନ୍ତୁଷ୍ଟ ହୋଇ ସେ ଦଳରୁ ଇସ୍ତଫା ଦେଇଥିଲେ। ଏବେ କଂଗ୍ରେସରେ ଯୋଗ ଦେଇଛନ୍ତି । ଏବେ 'ହାତ' ଧରିଛନ୍ତି ଦେବାଶିଷ ନାୟକ। ଶୁକ୍ରବାର ଦେବାଶିଷ ନାୟକ ବରୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲ ?ିବାକୁ ଘୋଷଣା କରିଥିଲେ କିନ୍ତୁ ଏବେ କଂଗ୍ରେସରେ ଯୋଗ ଦେଇଛନ୍ତ ଦେବାଶିଷ।ଆଜି କଂଗ୍ରେସ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ଦେବାଶିଷ ନାୟକ ରାଜ୍ୟ ପ୍ରଭାରୀ ଡକ୍ଟର ଅଜୟ କୁମାର ଓ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗ ଦେଇଛନ୍ତି। ୨ ମାସ ୯ ଦିନ ପରେ ବିଜେପି ଛାଡି ସେ କଂଗ୍ରେସରେ ମିଶିଥିବା ଜଣାଯାଇଛି।

## ରାଜଧାନୀରେ ରାଲି ବେଳେ ବିସ୍ଫୋରଣ: ଲୋକମାନେ ଏଣେତେଣେ ଦୌଡିଲେ, ମହିଳା ଗୁରୁତର

ଭୁବନେଶ୍ୱର,୪।୫(ପି.ଏନ): ଲୋକସଭା ନିର୍ବାଚନ ପାଇଁ ଗତ ମାସ ୧୯ ତାରିଖରେ ଦେଶରେ ପ୍ରଥମ ପର୍ଯ୍ୟାୟ ମତଦାନ ସମାପ୍ତ ହୋଇଥିବା ବେଳେ ଗତ ମାସ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମାପ୍ତ ହୋଇଥିଲା । ଆଗକୁ ଆଉ ୫ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ସେହିପରି ମେ ୧୩ରୁ ଓଡିଶାରେ ୪ଟି ପର୍ଯ୍ୟାୟରେ ମତଦାନ ଗ୍ରହଣ କରାଯିବ । ତେବେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯିବା ପରେ ଅନେକ ନେତା ଦଳ ଛାଡୁଥିବା ଦେଖାଯାଉଛି ।ତେବେ ନିର୍ବାଚନ ପାଇଁ ରାଜନୈତିକ ଦଳମାନଙ୍କ ପକ୍ଷରୁ ଜୋରସୋରରେ ପ୍ରଚାର କାର୍ଯ୍ୟ ଜାରି ରହିଥିବା ଏହା ମଧ୍ୟରେ ଘଟିଯାଇଛି ଏକ ବଡ ଅଘଟଣ । ଏକ ପ୍ରମୁଖ ରାଜନୈତିକଳ ଦଳର ରାଲି ଚାଲିଥିବା ବେଳେ ରାଜଧାନୀ ଭୁବନେଶ୍ୱରର କଞ୍ଚନା ଛକରେ ଅଚାନକ ଏକ ଏସି କମ୍ପ୍ରେସର ଫାଟି ଯାଇଥିଲା । ଫଳରେ ଜଣେ ମହିଳା ଗୁରୁତର ହୋଇଥିଲେ । ଏହାପରେ ତାଙ୍କୁ ସଙ୍ଗେସଙ୍ଗେ ମେଡଇକାଲରେ ଭର୍ତ୍ତି କରାଯାଇଥିଲା । ମହିଳା ଜଣଙ୍କ ୟୁନିଟ-୧ ମାର୍କେଟକୁ ଯିବା ସମୟରେ ରାଲିରେ ଫଶିଯାଇଥିଲେ । ତେବେ ମହିଳାଙ୍କ ନିକଟରେ ଛିଡା ହୋଇଥିବା ଜଣେ ଏସି ମେକାନିକ ବ୍ୟାଗରେ ଏସି କମ୍ପ୍ରେସର ନେଇ ବାପୁଜୀ ନଗର ଯାଉଥିଲେ । ତେବେ ଅଚାନକ ବ୍ୟାଗଟି ଛିଣ୍ଡି ଯାଇଥିଲା ଓ ବିସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରଣ ପରେ ଲୋକମାନେ ଏଣେତେଣେ ଦୌଡିବାରେ ଲାଗିଥିଲେ । ଫଳରେ ଘଟଣାସ୍ଥଳରେ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ବିସ୍ଫୋରଣରେ ଗୁରୁତର ହୋଇଥିବା ମହିଳାଙ୍କୁ ପୋଲିସ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ୪ ଲୋକସଭା ଆସନର ୩୭ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ଜଣ କୋଟିପତି

ଭୁବନେଶ୍ୱର,୪।୫(ପି.ଏନ): ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୪ ଲୋକସଭା ଆସନ ବ୍ରହ୍ମପୁର, କଳାହାଣ୍ଡି, କୋରାପୁଟ ଓ ନବରଙ୍ଗପୁରର ପାଇଁ ନାମାଙ୍କନ ଦାଖଲ କରିଥିବା ୩୭ ପ୍ରାର୍ଥୀଙ୍କ ସତ୍ୟପାଠ ଆଧାରରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି । ପ୍ରଥମ ପର୍ଯ୍ୟାୟ ଭୋଟ୍ ନେଇ ଏଡିଆର୍ ଓ ଓଡିଶା ଇଲେକ୍ସନ୍ ୱାଚ୍‌ର ରିପୋର୍ଟ ଅନୁଯାୟୀ, ୩୭ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୧୭ଜଣ କୋଟିପତି । ଏମାନଙ୍କ ଭିତରୁ ବିଜେପିର କଳାହାଣ୍ଡି ଲୋକସଭା ପ୍ରାର୍ଥୀ ମାଳବିକା ଦେଓ ସବୁଠାରୁ ଧନୀ। ତାଙ୍କ ସମ୍ପତ୍ତିର ମୂଲ୍ୟ ୪୧ କୋଟି ୯୮ ଲକ୍ଷ। ସେହିପରି କମ୍ ଟଙ୍କା ଥିବା ପ୍ରାର୍ଥୀ ହେଉଛନ୍ତି ପ୍ରମିଳା ପୂଜାରୀ। କୋରାପୁଟ ଲୋକସଭା ଆସନରୁ ଏସୟୁସିଆଇର ପ୍ରାର୍ଥୀ ପ୍ରମିଳା ପୂଜାରୀ। ତାଙ୍କର ବିଭିନ୍ନ ବ୍ୟାଙ୍କ ଖାତାରେ ପ୍ରାୟ ୪୧ ହଜାର ଟଙ୍କା ରହିଛି। ନିର୍ବାଚନ ପାଇଁ ଲୋକଙ୍କ ଠାରୁ ଆଦାୟ କରାଯାଇଥିବା ଟଙ୍କାକୁ ବିଭିନ୍ନ ବ୍ୟାଙ୍କ ଖାତାରେ ରଖିଛନ୍ତି ସେ ।ଏହାଛଡା ୭ ପ୍ରାର୍ଥୀଙ୍କ ନାଁରେ ଅପରାଧିକ ମାମଲା ରହିଥିବା ବେଳେ ୬ ଜଣଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଠକେଇ ଓ ଲାଞ୍ଚ ନେବା ମାମଲା ରହିଛି। ଏଣେ ୩ ପ୍ରାର୍ଥୀ ଦଶମ ପାସ୍ କରି ନାହାନ୍ତି ଓ ଜଣେ ସ୍କୁଲ୍ ମାଡ଼ି ନଥିବା ଜଣାଯାଇଛି। ୭ ଜଣ ଦଶମ, ୫ ଜଣ ଦ୍ୱାଦଶ, ୧୦ ସ୍ନାତକ ଓ ୨ ଡକ୍ଟରେଟ୍ ପାସ୍ ଥିବା ପ୍ରାର୍ଥୀ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୋଟ ପ୍ରାର୍ଥୀମାନଙ୍କ ଭିତରୁ ୧୯ ପ୍ରତିଶତ ଅର୍ଥାତ ୭ଜଣ ମହିଳା ଅଛନ୍ତି।

## ଓଡିଶାରେ ପ୍ରଚାର କରିବେ ଗାନ୍ଧୀ ପରିବାର

ନୂଆଦିଲ୍ଲୀ,୪।୫(ପି.ଏନ): ପାଖେଇ ଆସୁଛି ଓଡିଶା ନିର୍ବାଚନ । ମତଦାନ ପୂର୍ବରୁ ଧିରେ ଧିରେ ରାଜନୀତି ମାହୋଲ ସରଗରମ ହେବା ଆରମ୍ଭ ହୋଇଯାଇଛି । ତେବେ ଏହି ରାଜନୀତିର ସୁଅରେ କଂଗ୍ରେସ ମତଦାନ ଆଡକୁ ଆଉ ଏକ ପାଦ ଆଗକୁ ବଢାଇଛି । ବିଜେଡି ଏବଂ ବିଜେପି ପରେ ଓଡିଶା ପାଇଁ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି କଂଗ୍ରେସ । କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ନିଜେ ଓଡିଶାରେ ପ୍ରଚାର କରିବା ପାଇଁ ଦାୟିତ୍ୱ ନେଇଛନ୍ତି । ଏହି ତାଲିକାରେ ସୋନିଆଙ୍କ ସହ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ସାମିଲ ରହିଛନ୍ତି । ଏହାବ୍ୟତୀତ ନିରଞ୍ଜନ ପଟ୍ଟନାୟକ, ଗିରିଧର ଗମାଙ୍ଗ ଏବଂ ଜୟଦେବ ଜେନାଙ୍କ ଭଳି ନେତା ମଧ୍ୟ ସାମିଲ ରହିଛନ୍ତି ।ଓଡିଶାରେ ନିର୍ବାଚନ ପୂର୍ବରୁ କଂଗ୍ରେସ ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ତାଲିକା ଘୋଷଣା କରିଛି । କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ସହ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ



ମଧ୍ୟ ଏହି ତାଲିକାରେ ସାମିଲ ରହିଛନ୍ତି । ସେହିପରି ମଲ୍ଲିକାର୍ଜୁନ ଖଡଗେ, ରେଭନ୍ତ ରେଡ୍ଡୀ, ଭୂପେଶ ବଘେଲ ଏବଂ ସଚିନ ପାଇଲଟ ମଧ୍ୟ ନିର୍ବାଚନୀ ପ୍ରଚାର କରିବେ । ଏହାବ୍ୟତୀତ ଅଲକର ଲାମ୍ବା, କହ୍ନେୟା କୁମାର, ମିନାକ୍ଷୀ ନଟରାଜନ, ପ୍ରମୁଖଙ୍କ ପ୍ରଚାର ଦାୟିତ୍ୱ ପ୍ରଦାନ କରାଯାଇଛି । ଶରତ ପଟ୍ଟନାୟକ, ଡା. ଅଜୟ କୁମାର, ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋଙ୍କ ସହ ଜୟରାମ ପାଙ୍ଗୀ ପ୍ରମୁଖଙ୍କ ନାମ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛି ।କଂଗ୍ରେସର ଏହି ଷ୍ଟାର ପ୍ରଚାରକ ତାଲିକାରେ ଗିରିଧାରୀ ଗମାଙ୍ଗ, କିଶୋର ପଟେଲ, ସୁଶୀଲା ତିରିୟା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ରଞ୍ଜିତ ପାତ୍ର ଇତ୍ୟାଦି ମଧ୍ୟ କଂଗ୍ରେସ ପାଇଁ ପ୍ରଚାର କରିବା ତାଲିକାରେ ସାମିଲ ରହିଛନ୍ତି । କଂଗ୍ରେସ ତରଫରୁ ଶିବାନନ୍ଦ ରାୟ, କ୍ରିଷ୍ଟୋଫର ତିଲକ, ମୋହନ ମର୍କମ ଏବଂ ଲକ୍ଷେଶ୍ୱର ବଘେଲ ମଧ୍ୟ ନିର୍ବାଚନରେ ଷ୍ଟାର ପ୍ରଚାରକର ଦାୟିତ୍ୱ ତୁଲାଇବେ ।

## ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ: ଜଣେ ମୃତ, ୨ ନିଖୋଜ

ରାଉରକେଲା,୪।୫(ପି.ଏନ): ତରକେରା ଘାଟରେ ବୁଡି ଜଣେ ମୃତ। ଅନ୍ୟ ଜଣେ ନିଖୋଜ। ମୃତକ ରାଉରକେଲା ଡେଲିମାର୍କେଟ ଅଞ୍ଚଳର। ତିନି ସାଙ୍ଗ ଗାଧୋଇବାକୁ ତରକେରା ବ୍ରାହ୍ମଣୀ ନଦୀ ଘାଟକୁ ଯାଇଥିଲେ। ଜଣ ପରେ ଜଣେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଅନ୍ୟ ଦୁଇ ଜଣ ନିଖୋଜ ହୋଇ ଯାଇଥିଲେ ।ଅଗ୍ନିଶମ କର୍ମଚାରୀ ଓ ରଘୁନାଥପାଲି ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜଣଙ୍କର ଶବ ଉଦ୍ଧାର ହୋଇଛି। ଅନ୍ୟ ଜଣଙ୍କର ଏଯାଇଁ ପତ୍ତା ମିଳିପାରିନି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରୁ ଜେଡିଏସ୍ ବିଧାୟକ ଏଚ୍‌ଡି ରେଭାନ୍ନା ଗିରଫ



ଭୁବନେଶ୍ୱର,୪।୫(ପି.ଏନ):ଅପହରଣ ମାମଲାରେ ଶେଷରେ ଗିରଫ ହୋଇଛନ୍ତି କର୍ଣ୍ଣାଟକାର ବିଜେପି ସହଯୋଗୀ ଜେଡିଏସ୍‌ର ବିଧାୟକ ଏଚ୍‌ଡି ରେଭାନ୍ନା। ତାଙ୍କୁ ଆଜି କର୍ଣ୍ଣାଟକା ପୁଲିସ୍‌ର ଏସ୍‌ଆଇଟି ଟିମ ଗିରଫ କରିଛି ।ଗିରଫଦାରୀରୁ ବର୍ତ୍ତିବା ପାଇଁ ରେଭାନ୍ନା ତାଙ୍କ ବାପା ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି ଦେବଗୌଡାଙ୍କ ବାସଭବନରେ ରହିଥିଲେ। କିନ୍ତୁ ଏସ୍‌ଆଇଟି ଟିମ ତାଙ୍କୁ ସେଠାରୁ ଗିରଫ କରି ନେଇଛି ।ଅପହରଣ ମାମଲାରେ ଫସିଥିବା ରେଭାନ୍ନା ଗିରଫଦାରୀରୁ ବର୍ତ୍ତିବା ପାଇଁ ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ଆଜି ବେଙ୍ଗାଲୁରୁର ଗୋଟିଏ କୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଥିଲା। ଆବେଦନ ଖାରଜ ହେବା କ୍ଷଣି ସେ ଗିରଫ ହୋଇଛନ୍ତି।

## ଶକ୍ତି ଦେଖାଇ ସମୀରଙ୍କ ସମର୍ଥକଙ୍କ ଇସ୍ତଫା; ଦେଲେ ୨୪ ଘଣ୍ଟା ସମୟ

ଭୁବନେଶ୍ୱର,୪।୫(ପି.ଏନ): ଶକ୍ତି ପ୍ରଦର୍ଶନ କରି ବିଜେଡି ଛାଡିଲେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମର୍ଥକ। ସମୀରଙ୍କ ଉପସ୍ଥିତିରେ ଭରା ସଭାରେ ସମର୍ଥକମାନେ ଇସ୍ତଫା ନେଇ ଘୋଷଣା କରିଛନ୍ତି। ଆଉ ନିଷ୍ପତ୍ତି ନେବା ପାଇଁ ସମୀରଙ୍କୁ ୨୪ ଘଣ୍ଟା ସମୟ ଦେଇଛନ୍ତି ସେମାନେ। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଶେଷ ନିଷ୍ପତ୍ତି ଜଣାଇବାକୁ ସମୀରଙ୍କୁ ତାଙ୍କ ସମର୍ଥକ ଅଲ୍‌ଟିମେଟମ୍ ଦେଇଛନ୍ତି। କିନ୍ତୁ ଆଜି ସମୀର ବିଜେଡିରୁ ଇସ୍ତଫା ଦେଇନାହାନ୍ତି ।ଆଜି ଅପରାହ୍ନରେ ସମୀର ଦାଶଙ୍କ ସମର୍ଥକମାନେ ନିମାପଡା ଟାଉନ୍ ହଲ୍ ମୁକ୍ତାକାଶ ରଙ୍ଗମଞ୍ଚରେ ବିଶାଳ ସଭା ଆୟୋଜନ କରିଥିଲେ। ସଭାରେ ୫୮ ଜଣ ଜନ ପ୍ରତିନିଧିଙ୍କ ସମେତ ଶହଶହ ସମର୍ଥକ ଯୋଗଦେଇଥିଲେ। ସଭାରେ ଖୋଦ୍ ସମୀର ରଞ୍ଜନ ଦାଶ ମଧ୍ୟ ଉପସ୍ଥିତ ଥିଲେ। ଭାଷଣବାଜି ପରେ ସମସ୍ତ କର୍ମୀ ବିଜେଡିରୁ ଇସ୍ତଫା ଦେଇଥିଲେ। ସେମାନେ ସାମୁହିକ ଇସ୍ତଫାପତ୍ର ସମୀରଙ୍କୁ ପ୍ରଦାନ କରିଥିଲେ। ଆଉ ଶେଷ ନିଷ୍ପତ୍ତି ନେବା ପାଇଁ ସମୀରଙ୍କୁ ୨୪ ଘଣ୍ଟା ସମୟ ଦେଇଛନ୍ତି ସମର୍ଥକ।

## ପାରାଦୀପରେ ବିଜେପିର ସୁନାମି !

ପାରାଦୀପ,୪।୫(ପି.ଏନ): ପାରାଦୀପ ନିର୍ବାଚନ ମଣ୍ଡଳୀରେ ଧୀରେ ଧୀରେ ବିଜେପି ଶକ୍ତିଶାଳୀ ହେବାରେ ଲାଗିଛି । ଏତଦବ୍ୟତୀତ ଦଳ ପ୍ରତି ଆକୃଷ୍ଟ ହୋଇ ନିରବଚ୍ଛିନ୍ନ ଭାବେ ବହୁ ବିଜେଡି ଓ କଂଗ୍ରେସ ଦଳର ଛାମୁଆ ନେତା ଓ କର୍ମୀ ମାନେ ବିଜେପି ରେ ସାମିଲ ହେଉଥିବାର ଦେଖିବାକୁ ମିଳୁଛି । ଏହି କ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀରେ ମିଶ୍ରଣ ପର୍ବ ଏକ ସୁନାମି ରେ ପରିଣତ ହୋଇଛି କ୍ଷ ବିଶେଷ କରି ପାରାଦୀପ ଅଞ୍ଚଳର ପୁଅ ଓ ସମସ୍ତଙ୍କ ଆଦରର ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା । ତାଙ୍କ ନେତୃତ୍ୱକୁ ଭରସା କରି ତାଙ୍କ ସହ କାର୍ଯ୍ୟ କରିବାକୁ ସମସ୍ତେ ଶପଥ ନେଇଛନ୍ତି । ବିରୋଧୀ ଦଳର ଛାମୁଆନେତା ଓ ଶତାଧିକ କର୍ମକର୍ତ୍ତାମାନେ ଏବେ ଦଳ ଛାଡି ବିଜେପିରେ ଯୋଗ ଦେଉଛନ୍ତି । ଫଳରେ ଧୀରେ ଧୀରେ ବିଜେପିର ସଂଗଠନ ସୁଦୃ ? ହେବାରେ ଲାଗିଛି । ଯାହାକି ବିରୋଧୀଙ୍କର ହୋସ୍‌ଉ ଡାଇ ଦେଇଛି । ପାରାଦୀପରେ ରାଜନୈତିକ ପରିବର୍ତ୍ତନ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ହେଉ ବୋଲି କୁଜଙ୍ଗ ବ୍ଲକ୍ ବଣିତୋ ଗ୍ରାମ ପଞ୍ଚାୟତରେ ଦଳ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ନୂତନ ଭାବେ ଯୋଗ ଦେଇଥିବା ବିରୋଧୀ ଦଳର ନେତାମାନେ ଏପରି ଆହ୍ୱାନ ଦେଇଛନ୍ତି।

## ଗଣଶିକ୍ଷା ବିଭାଗର ନୂଆ ଯୋଜନା: ରାଜ୍ୟ ବାହାରେ ତାଲିମ୍ ନେବେ ଗଣିତ ଓ ବିଜ୍ଞାନ ଶିକ୍ଷକ

ଭୁବନେଶ୍ୱର,୪।୫(ପି.ଏନ): ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ପିଲାଙ୍କୁ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଅନେକ ସମୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଇଥାଏ । ତେବେ ଏହା ମଧ୍ୟରେ ଗଠନମୂଳକ ଶିକ୍ଷା ପାଇଁ ଏକ ନୂଆ ନିଷ୍ପତ୍ତି ନିଆଯାଇଛି । ଛାତ୍ରଛାତ୍ରୀମାନେ କିପରି ଗୁଣାତ୍ମକ ଶିକ୍ଷା ପାଇପାରିବେ ସେଥିପାଇଁ ଶିକ୍ଷକଙ୍କ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଉଛି ।ଶିକ୍ଷକଙ୍କ ପାଇଁ ଗଠନମୂଳକ ଶିକ୍ଷା କାର୍ଯ୍ୟପନ୍ଥା ଉପରେ ୪ ଦିନିଆ କର୍ମଶାଳାର ଆୟୋଜନ କରାଯିବ । ବିଜ୍ଞାନ ଓ ଗଣିତ ଶିକ୍ଷକ ତାଲିମ୍ ନେବେ । ଆନ୍ଧ୍ରପ୍ରଦେଶର ଅଗସ୍ତ୍ୟା କ୍ରିଏଟିଭ୍ ଲ୍ୟାବରେ ୨ଟି ପର୍ଯ୍ୟାୟରେ ଶିକ୍ଷକମାନେ ତାଲିମ୍ ନେବେ । ଶିକ୍ଷକଙ୍କ ପ୍ରାକ୍ଟିକାଲ ଜ୍ଞାନ ବୃଦ୍ଧିରେ ଏହି କର୍ମଶାଳା ସହାୟକ ହେବ । ଏନେଇ ଓଡିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ୧୫ଟି ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାର (ଡିଇଓ) ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଚିଠି ଲେଖାଯାଇଛି ।ଶିକ୍ଷକମାନେ ଉକ୍ତ ଲ୍ୟାବରେ ପାଠ୍ୟକ୍ରମର ବିଷୟବସ୍ତୁ ସମ୍ପର୍କୀତ ତାଲିମ୍ ନେବେ । ସେମାନେ ରାମାନୁଜ ମ୍ୟାଥ୍ ପାର୍କ, ବାଓଡିସକଭରି ସେଣ୍ଟର, ଝୁନଝୁନୱାଲା ବାୟୋଡିସକଭରି ସେଣ୍ଟର, ଆର୍ଟ ଓ ଇନୋଭେସନ ହବ, ଆଇଟଇ ସେଣ୍ଟର ଆଦି ପରିଦର୍ଶନ କରିବେ । ମଡ୍ୟୁଲାର ଡିଜାଇନ ଲ୍ୟାବ, ମଡ୍ୟୁଲାର ମେକିଂ ୱାର୍କଶପ, ରୋବୋଟିକ, ପିଆଇ ଲ୍ୟାବ ଆଦିରୁ ବିଭିନ୍ନ ପ୍ରାକ୍ଟିକାଲ ଜ୍ଞାନ ଶିଖିବେ । ତାହା କ୍ଲାସରୁମରେ ପିଲାଙ୍କୁ ପ ?ାଇବା ସମୟରେ ବେଶ୍ ସହାୟକ ହୋଇ ପାରିବ । ଅଗସ୍ତ୍ୟା ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଶିକ୍ଷକମାନଙ୍କର ଖାଇବା, ରହିବା, ଯାତ୍ରା ଖର୍ଚ୍ଚ ବହନ କରିବ । ସିଏସଆର ପାଣ୍ଠିରୁ ପ୍ରତି ଅଂଶଗ୍ରହଣକାରୀଙ୍କୁ ୪ ହଜାର ଟଙ୍କା ପ୍ରଦାନ କରାଯିବ । ଜୁନ ୪ରୁ ୭ ଓ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ୍ ଦିଆଯିବ । ଯେଉଁ ଶିକ୍ଷକମାନେ ୨୦୨୩-୨୪ ବର୍ଷରେ ତାଲିମ୍ ନେଇଛନ୍ତି ସେମାନଙ୍କୁ ଏଥିରେ ସାମିଲ କରାଯିବ ନାହିଁ ।

## ପ୍ରଧାନମନ୍ତ୍ରୀ ମୋଦୀ ସପ୍ତାହେ ଭିତରେ ଓଡିଶାକୁ ୨ ଥର ଆସିବେ: ନିର୍ବାଚନ ପ୍ରଚାର, ରୋଡ ସୋ' କରିବେ

ଭୁବନେଶ୍ୱର,୪।୫(ପି.ଏନ): ଚଳିତ ନିର୍ବାଚନରେ ଶାସକ ବିଜୁ ଜନତା ଦଳ (ବିଜେଡି) ଓ ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟରେ ଜୋରଦାର ଲଢ଼େଇ ହେବାକୁ ଯାଉଛି। ନବୀନ ପଟ୍ଟନାୟକ ଓ ୫ଟି ରୂପାନ୍ତରଣ କାର୍ଯ୍ୟକୁ ପ୍ରସଙ୍ଗ କରି ବିଜେଡି ଅବତୀର୍ଣ୍ଣ ହୋଇଥିବା ବେଳେ ବିକଶିତ ଭାରତକୁ ପ୍ରସଙ୍ଗ କରିଛି ବିଜେପି। ଓଡିଶାରେ ଲୋକସଭା ସମେତ ବିଧାନସଭା ନିର୍ବାଚନ ହେଉଥିବାରୁ ଭାରତୀୟ ଜନତା ପାର୍ଟି ଅଧିକ ଫୋକସ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଓଡିଶା ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ନିର୍ବାଚନ ତାରିଖ ଘୋଷଣା ହେଲା ପରେ ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତାକାଲି (ରବିବାର) ରାତି ୯ଟା ୩୦ରେ ପ୍ରଥମ ଥର ଓଡିଶା ଗସ୍ତରେ ଆସୁଛନ୍ତି। ମେ' ୬ତାରିଖରେ ସେ ବ୍ରହ୍ମପୁର ଓ ନବରଂଗପୁରରେ ନିର୍ବାଚନ ପ୍ରଚାର କରିବେ। ଜନସଭାକୁ ସମ୍ବୋଧନ ଦେବେ। ତିନି ଦିନର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ମୋଦୀ ମେ' ୧୦ ତାରିଖ ପୁଣି ଥରେ ଓଡିଶା ଗସ୍ତ କରିବେ। ସେହି ସମୟରେ ସେ ଭୁବନେଶ୍ୱରରେ ରୋଡ ସୋ' କରିବେ। ଭୁବନେଶ୍ୱର ଅଧୀନ ୩ଟି ବିଧାନସଭା କ୍ଷେତ୍ର (ଏକାମ୍ର, ମଧ୍ୟ ଓ ଉତ୍ତର)ରେ ଶକ୍ତି ପ୍ରଦର୍ଶନ କରିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୂସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପାକିସ୍ଥାନ ରାଜନୀତିରେ ନୂଆମୋଡ

ଏହା ନିଶ୍ଚିତ ଯେ, ପାକିସ୍ଥାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଯେ କି ସାତ ମାସ ତଳେ କ୍ଷମତାଚ୍ୟୁତ ହୋଇଥିଲେ, ଗତ ସପ୍ତାହରେ ଏକ ଶୋଭାଯାତ୍ରାରେ ଯିବାବେଳେ ତାଙ୍କ ଉପରେ ଗୁଳିମାଡ ଘଟଣା ଅଭ୍ୟାସଗତ ବିଶୃଙ୍ଖଳିତ ପାକିସ୍ଥାନର ରାଜନୀତି ଏବେ ଏକ ନୂତନ ମୋଡ ନେଇଛି ବୋଲି କୁହାଯାଇପାରିବ। ଗୁଳିମାଡରୁ ଇମ୍ରାନ ଖାଁ ଅଳ୍ପକେ ବର୍ତିଯାଇଥିବା ବେଳେ ତାଙ୍କ ଗୋଡରେ ୪ଟି ଗୁଳି ବାଜିଛି। ଏହି ଗୁଳିକାଣ୍ଡରେ ଦଳ ପାକିସ୍ଥାନ ତେହେରିକ୍ ଇ ଇନସାଫ (ପିଟିଆଇ)ର ଜଣେ କର୍ମୀ ମୃତ୍ୟୁବରଣ କରିଛନ୍ତି। ଅବଶ୍ୟ ସୁରକ୍ଷାକର୍ମୀମାନେ ଗୁଳିମାଡ କରିଥିବା ଦୁର୍ବୃତକୁ ଗିରଫ କରିଛନ୍ତି। ତେବେ ସେ କାହିଁକି ଇମ୍ରାନଙ୍କ ଉପରେ ଗୁଳି ଚଳାଇଥିଲା, ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହି ଗୁଳିକାଣ୍ଡ ଯେ ଇମ୍ରାନଙ୍କୁ ହତ୍ୟା କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଏହା ନିଃସନ୍ଦେହରେ କୁହାଯାଇପାରେ। ତେବେ ଗୁଳିକାଣ୍ଡ ଘଟଣା ପରେ ଚିକିତ୍ସିତ ହେଉଥିବା ଶଯ୍ୟାରୁ ସେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ପ୍ରଥମ ଥର ପାଇଁ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଭାବଶାଳୀ ନେତା ଭାବେ ଇମ୍ରାନ ତାଙ୍କୁ ହତ୍ୟା କରିବା ପାଇଁ ସେନାମୁଖ୍ୟ ଓ ପ୍ରଧାନମନ୍ତ୍ରୀଙ୍କର ଏକ ଷଡଯନ୍ତ୍ର ବୋଲି କହିଛନ୍ତି। କହିବା ବାହୁଲ୍ୟ ଯେ, ପ୍ରଥମ ଥର ପାଇଁ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଖୋଲାଖୋଲି ଭାବେ ପାକିସ୍ଥାନର ସେନାମୁଖ୍ୟଙ୍କୁ ଟାର୍ଗେଟ କରିଛନ୍ତି। ପାକିସ୍ଥାନ ଶାସନ ବ୍ୟବସ୍ଥାରେ ଏହା ଏକ ବିରଳ ଘଟଣା। ଏହା ସତ୍ୟ ଯେ, ପାକିସ୍ଥାନ ରାଜନୀତିରେ ୪-ଏ ଅର୍ଥାତ୍ ଆର୍ମି, ଆଲ୍ଲା, ଆମେରିକା ଏବଂ ଆତଙ୍କବାଦୀ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଯେଉଁଥିପାଇଁ ଭାରତ ଯେଉଁଦିନ ସ୍ୱାଧୀନ ହୋଇଥିଲା, ତାର ମାତ୍ର କିଛି ଘଂଟା ପୂର୍ବରୁ ପାକିସ୍ଥାନ ସ୍ୱାଧୀନ ହୋଇଥିବା ବେଳେ ଗତ ୭୫ବର୍ଷ ମଧ୍ୟରେ ସେ ଦେଶରେ ଅର୍ଦ୍ଧାଧିକ ବର୍ଷ କେବଳ ସାମରିକ ଶାସନ କବ୍‌ଜାରେ ରହିଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ କୌଣସି ସରକାର ପୂର୍ଣ୍ଣ ୫ ବର୍ଷ କ୍ଷମତାରେ ରହିପାରିନାହାଁନ୍ତି। ଇମ୍ରାନଙ୍କ ନେତୃତ୍ୱରେ ତାଙ୍କ ଦଳ ପାର୍ଲିଆମେଂଟ ନିର୍ବାଚନରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତାସୀନ ହୋଇଥିଲେ ମଧ୍ୟ ଦଳୀୟ ସାଂସଦଙ୍କ ବିଦ୍ରୋହ ତଥା ଦଳର ବିଭାଜନ ଯୋଗୁଁ ସେ କ୍ଷମତାଚ୍ୟୁତ ହୋଇଛନ୍ତି। କ୍ଷମତାଚ୍ୟୁତ ହେବା ପରେ ପ୍ରଥମ ନେତା ଭାବେ ସେ ଆର୍ମି, ଆମେରିକା ବିରୁଦ୍ଧରେ ବିଷୋଦ୍‌ଗାର କରିବା ସହ ଭାରତର ଗଣତନ୍ତ୍ର ଏବଂ ବିଭିନ୍ନ ନୀତିକୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ଆହୁରି ମଧ୍ୟ ତାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିବା ଏବଂ ତାଙ୍କ ବିରୁଦ୍ଧରେ ଗୁରୁତର ଦୁର୍ନୀତି ଅଭିଯୋଗ କରାଯାଇଥିବା ସତ୍ତ୍ୱେ ପାକିସ୍ଥାନ ତେହେରିକ୍ ଇ-ଇନସାଫ (ପିଟିଆଇ) ଉପନିର୍ବାଚନରେ ୮ଟି ଆସନ ମଧ୍ୟରେ ୭ଟିରେ ବିଜୟ ଲାଭ କରିବା ତାଙ୍କ ଲୋକପ୍ରିୟତାର ସଂକେତ ଅକ୍ଷୁର୍ଣ୍ଣ ଥିବା ପ୍ରମାଣିତ କରୁଛି। ଦେଶରେ ସାଧାରଣ ନିର୍ବାଚନ ହେଲେ, ତାଙ୍କ ଦଳ ପୁଣି କ୍ଷମତାସୀନ ହେବାର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇ ପାରେ। ଅନ୍ୟପକ୍ଷରେ ଇମ୍ରାନଙ୍କୁ ହତ୍ୟା ଷଡଯନ୍ତ୍ର ଅଭିଯୋଗକୁ ସେନାମୁଖ୍ୟ ଜେନେରୋଲ ବାଜୱା ଓ ପ୍ରଧାନମନ୍ତ୍ରୀ ସରିଫ ଖଣ୍ଡନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ଶେଷରେ ଜେ ବାଜୱା ଅବସର ଗ୍ରହଣ କରୁଛନ୍ତି। ପାକିସ୍ଥାନ ସ୍ୱାଧୀନ ହେବାଠାରୁ ଯେତେସବୁ ପ୍ରଧାନମନ୍ତ୍ରୀ ନିଜର ଅନ୍ତରଙ୍ଗ ତଥା ବିଶ୍ୱସ୍ତ ସେନା ଅଫିସରଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନାମୁଖ୍ୟ ପଦବୀରେ ଅବସ୍ଥାପିତ କରିଛନ୍ତି, ସେହି ପ୍ରଧାନମନ୍ତ୍ରୀମାନେ ନିଜର ବିଶ୍ୱସ୍ତ ସେନାମୁଖ୍ୟଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ବହୁ ନଜିର ରହିଛି। ପାକିସ୍ଥାନ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜୁଲିଫଙ୍କର ଅଲ୍ଲୀ ଭୁଟ୍ଟୋ ନିଜର ବିଶ୍ୱସ୍ତ ଜେନେରାଲ ଜିଆଉଲ୍ ହାକିଙ୍କୁ ଅଯାଚିତ ପଦୋନ୍ନତି ଦେଇ ସେନା ଭାବେ ଅବସ୍ଥାପିତ କରିଥିଲେ। ହକ୍ ତାଙ୍କୁ ସାମରିକ ବିଦ୍ରୋହ ଦ୍ୱାରା ଗାଦିଚ୍ୟୁତ କରି ଏକ ହତ୍ୟା ମାଲାରେ ଅଭିଯୁକ୍ତ କରି ଫାଶୀଖୁଂଟରେ ଝୁଲାଇଥିଲେ। ସେହିପରି ନୱାଜ ସରିଫ ନିଜର ବିଶ୍ୱସ୍ତ ଜେନେରାଲ ପରଭେଜ ମୁସାରଫଙ୍କୁ ଅଯାଚିତ ଅନୁଗ୍ରହ ଦେଖାଇ ସେନାମୁଖ୍ୟ କରିଥିଲେ। ଜେ ମୁସାରଫ୍ ସାମରିକ ବିଦ୍ରୋହରେ ସରିଫଙ୍କୁ ବନ୍ଦୀ କରିବା ସହ ରାଜଦ୍ରୋହ ଅଭିଯୋଗରେ ପ୍ରଥମେ ଫାଶୀଦଣ୍ଡ ଦେଇଥିଲେ। ପରେ ତାକୁ କୋହଳ କରି ସରିଫଙ୍କୁ ନିର୍ବାଚନ ଦଣ୍ଡ ଦେଇଥିଲେ। ପୂର୍ବରୁ ମଧ୍ୟରୁ ୟାହିଆ ଖାଁ, ସେନା ମଧ୍ୟରୁ ସାମରିକ ବିଦ୍ରୋହ ବଳରେ ଦେଶର ରାଷ୍ଟ୍ରପତି ହୋଇ ପାର୍ଲିଆମେଂଟକୁ ଅକାମୀ କରିଦେଇଥିଲେ। ତେବେ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଗାଦିଚ୍ୟୁତ ହେବା ପରେ ସେନାବାହିନୀ ଓ ଆମେରିକା ବିରୁଦ୍ଧରେ ଖୋଲାଖୋଲି ବିଦ୍ରୋହ ଓ ଭାରତକୁ ପ୍ରଶଂସା କରିବା ଦେଶରେ ନୂତନ ସୂର୍ଯ୍ୟୋଦୟର ଆଭାସ ଦେଇଛି। ଇମ୍ରାନଙ୍କ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଥିବା ଉପ-ନିର୍ବାଚନ ଫଳାଫଳ ସଂକେତ ପ୍ରଦାନ କରିଥିବାବେଳେ ତାଙ୍କ ଉପରେ ଗୁଳିମାଡ ନେଇ ଦେଶବ୍ୟାପୀ ଯେପରି ବିକ୍ଷୋଭ, ପ୍ରତିବାଦ ଜାରି ରହିଛି, ତାହା ଏବେ ପାକିସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ସେନା ଏକପ୍ରକାର ଅସହାୟ ହୋଇପଡିଥିବା ମନେହୁଏ। ତେବେ ପାକିସ୍ଥାନରେ ତୁରନ୍ତ ନିର୍ବାଚନ, ଏହି ସଂକଟର ସମାଧାନ କରିପାରିବ। କିନ୍ତୁ ଏହା ନିଶ୍ଚିତ ପାକିସ୍ଥାନ ଗଣତନ୍ତ୍ରର ଅଭାବର ଶିକାର ହୋଇଆସିଛି।

# ବିଶ୍ୱରେ ଶାକାହାର

ଭାରତ ଏକ ବହୁ ପ୍ରଦେଶୀ, ବହୁଭାଷୀ, ବହୁ ଆହାରୀ, ବହୁ ବ୍ୟବହାରୀ ଦେଶ ହୋଇଥିବାରୁ ଏଠାରେ ଅନେକ ପ୍ରକାରର ଭିନ୍ନତା ଦେଖାଦେଇଥାଏ। ଖାଦ୍ୟାହାରକୁ ନେଇ ରାଜନୀତି, ମତଭେଦ, ସଂଘର୍ଷ ମଧ୍ୟ ଘଟିଥାଏ। ଖାଦ୍ୟ ଗ୍ରହଣକୁ କେନ୍ଦ୍ର କରି କିଛି ଲୋକ ନିକଟରେ ସୂର୍ଯ୍ୟପରାଗ କାଳରେ ନିଜର ଅହଂ ପ୍ରଧାନ ବୌଦ୍ଧିକତାକୁ ପ୍ରଦର୍ଶନ କରିବାକୁ ଗଣମାଧ୍ୟମକୁ ମାଧ୍ୟମ କରିଥିଲେ, ଅନ୍ୟମାନେ ମୂର୍ଖ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ। ଏଠି ହିନ୍ଦୁମାନେ କଛା ଭିଡି ମନ୍ଦିରକୁ ଗଲାବେଳେ ମୁସଲିମ ଲୋକେ କଛା ଖୋଲି ମସଜିଦ୍‌କୁ ଯାଇଥାଆନ୍ତି। ମନ୍ଦିରରେ ପୁରୁଷ-ସ୍ତ୍ରୀ ପ୍ରବେଶ କରିପାରୁଥିବା ସ୍ଥଳେ ମସ୍‌ଜିଦରେ କେବଳ ପୁରୁଷଙ୍କୁ ପ୍ରବେଶାଧିକାର ଥିବା ଦେଖିବାକୁ ମିଳୁଛି। ସେମିତି ଗତ କିଛି ବର୍ଷ ହେଲା ମାଂସାହାରକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟିହେବା ଦେଖିବାକୁ ମିଳୁଛି। ପୂର୍ବେ ମାଂସାହାରୀମାନଙ୍କୁ ଗ୍ରାମରୁ ବିତାଡିତ କରାଯାଉଥିଲା ଏବଂ ଯେଉଁମାନେ ମାଂସାହାର କରୁଥିଲେ ସେମାନଙ୍କୁ ମନ୍ଦିର ପ୍ରବେଶ ଅଧିକାରରୁ ଅଲଗା କରାଯାଉଥିଲା। ସେମାନେ ଗ୍ରାମରୁ ବାହାରେ ଯାଇ ରହୁଥିଲେ। ସମାଜରେ ଖାଦ୍ୟାହାରର ଭିନ୍ନତାକୁ କେନ୍ଦ୍ରକରି ସ୍ପୃଶ୍ୟ ଅସ୍ପୃଶ୍ୟ ମତଭେଦ ସୃଷ୍ଟି ହୋଇଥିଲା। ସେହି ମତଭେଦ ଏବେ ଅବଶ୍ୟ ଦେଖିବାକୁ ମିଳୁନାହିଁ। କାରଣ ସମାଜର ବଡବର୍ଗ ଏପରିକି ଭାରତର ଅଧିକାଂଶ ପ୍ରଦେଶରେ ମାଂସାହାର ଏକ ଲୋକପ୍ରିୟ ବ୍ୟବସ୍ଥାରେ ପରିଣତ ହୋଇଛି। ଆହାରକୁ କେନ୍ଦ୍ରକରି ସ୍ପୃଶ୍ୟ-ଅସ୍ପୃଶ୍ୟ ବିଚାରକଲେ ସତୁରି ପ୍ରତିଶତ ସମାଜ ଅସ୍ପୃଶ୍ୟ ହୋଇଯିବ। ତେଣୁ ପଶୁହତ୍ୟାକୁ ଆଉ ବଡକଥା ବା ଦୋହାବହ ବୋଲି କେହି ଚିନ୍ତା କରୁନାହାନ୍ତି। ଏହି କ୍ରମରେ ଚୀନର ଲୋକେ ଆଉ ଦୁଇପାଦ ଆଗକୁ ଯାଇ ସାରା ବିଶ୍ୱରୁ କୁକୁର, ମାଙ୍କଡ, ମୂଷା, ବିଲେଇ, ସାପ, ସାମୁଦ୍ରିକ ଜୀବ ଆଦି ସଂଗ୍ରହ କରିବାରେ ବ୍ୟସ୍ତ। ନିକଟରେ ପାକିସ୍ତାନକୁ କୁକୁର ରପ୍ତାନୀ କରିବା ପାଇଁ ଚୀନ ପ୍ରସ୍ତାବ ଦେଇଛି। ଚୀନରେ ଗଧମାଂସର ଚାହିଦା ଅଧିକ ଥିବାରୁ ପାକ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଗଧ ରପ୍ତାନୀ ଉପରେ ଜୋର ଦେଇଥିଲେ। ସେମିତି ଆଫ୍ରିକାର ଲୋକଙ୍କ ମଧ୍ୟରେ ମାଙ୍କଡ ମାଂସ ଖାଇବା ଆଗ୍ରହ ଅଧିକ ଥିବାରୁ ସେଠାକାର ଜଙ୍ଗଲଗୁଡିକରେ ମାଙ୍କଡଙ୍କ ସଂଖ୍ୟା ହ୍ରାସ ପାଇଛି। ଭାରତର ଉତ୍ତରପୂର୍ବ ରାଜ୍ୟ ମାନଙ୍କରେ କୁକୁରମାଂସ ବେଶ୍ ଲୋକପ୍ରିୟ ଖାଦ୍ୟ ହୋଇଥିବାରୁ ନାଗା ଲୋକେ ଏକ ସ୍ୱତନ୍ତ୍ର କାଠି ଯୋଗେ ଅତିକମ୍ ସମୟରେ ଯେ କୌଣସି କୁକୁରକୁ ଶିକାର କରିବାକୁ ସକ୍ଷମ ହୋଇଥାଆନ୍ତି। ସେମାନଙ୍କ ଘର ଚାରିପାଖେ କାନ୍ଥରେ ପଶୁଙ୍କ ମୁଣ୍ଡ ବହୁସଂଖ୍ୟାରେ ସଜ୍ଜା ହୋଇ ରହିଥାଏ। ଯେତେ ଅଧିକ ପଶୁମୁଣ୍ଡ ଯିଏ ନିଜର ଘର ଚାରିପାଖେ ସଜାଇ ପାରିଲା ସେ ଅଧିକ ଭାଗ୍ୟବାନ ହେବ ବୋଲି ବିଚାର କରାଯାଏ। ଏହି ପଶୁମାଂସ ପ୍ରେମରୁ ସମୟକ୍ରମେ ସେଠାକାର ଲୋକେ ମଣିଷ ମାଂସ ଭକ୍ଷଣ କରିବାକୁ ମଧ୍ୟ ଭଲପାଇଲେ। ସମାଜର ବାହାର ଲୋକଙ୍କୁ ସେମାନେ ଶିକାର କରୁଥିବା ହେତୁ ଅନେକ ଅଞ୍ଚଳକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ମଧ୍ୟ ଲଗାଯାଇଥିଲା। ନିକଟରେ କେରଳର ଜଣେ ମୁସଲମାନ ବ୍ୟକ୍ତି ବର୍ଷ ବର୍ଷ ଧରି ମହିଳାମାନଙ୍କୁ ହତ୍ୟା କରିବା ପରେ ସେମାନଙ୍କ ଯୌନାଙ୍ଗକୁ କାଟି ଫ୍ରିଜ୍‌ରେ ସାଇତି ରଖି ଖାଇବା ଘଟଣା ନିକଟରେ ପୁଲିସ ଦୃଷ୍ଟିକୁ ଆସିଛି। ଆଫ୍ରିକାର ନରପିଶାଚ ଭାବେ ପରିଚିତ ଶାସକ ଇଦି ଅମିନଙ୍କର ମହିଳାଙ୍କ କଟା ସ୍ତନ ଖାଇବାରେ ଅଧିକ ଆଗ୍ରହ ଥିଲା ବୋଲି ଜଣାଯାଏ।

ଯୁଦ୍ଧ ସଂଘର୍ଷକୁ ସମ୍ମୁଖୀନ ହେବା ଲୋକେ ମାଂସାହାରୀ ହୋଇଥାନ୍ତି ବୋଲି ସାଧାରଣତଃ ଭୁଲ ଧାରଣା ରହିଛି। କିନ୍ତୁ ହଜାର ହଜାର ବର୍ଷର ଯୁଦ୍ଧକୁ ସାମ୍ନା କରିଆସିଥିବା ଉତ୍ତର ପଶ୍ଚିମ ଭାରତର ଲୋକେ ବୈଦେଶିକ ଆକ୍ରମଣକୁ ସାମ୍ନା କରିନଥିବା ଅଞ୍ଚଳଠାରୁ ଅଧିକ ଶାକାହାରୀ ବୋଲି ଜଣାପଡିଛି। ମହାଭାରତ ଯୁଦ୍ଧର କେନ୍ଦ୍ର କୁରୁକ୍ଷେତ୍ର ହରିୟାଣାରେ ରହିଛି, ହେଲେ ଭାରତରେ ଶାକାହାରୀଙ୍କ ସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟର ସ୍ଥାନ ଦ୍ୱିତୀୟରେ ରହିଛି। ଶାକାହାରୀଙ୍କ ସଂଖ୍ୟାରେ ଅଗ୍ରଣୀ ରହିଥିବା ରାଜ୍ୟଗୁଡିକ ହେଲେ (ପ୍ରତିଶତ ହିସାବରେ) ରାଜସ୍ଥାନ (୭୫), ହରିୟାଣା (୭୦), ପଞ୍ଜାବ (୬୩), ଗୁଜରାଟ (୬୧), ହିମାଚଳ ପ୍ରଦେଶ (୫୩), ମଧ୍ୟପ୍ରଦେଶ (୫୧), ଉତ୍ତର ପ୍ରଦେଶ (୪୭), ଦିଲ୍ଲୀ (୪୦), ମହାରାଷ୍ଟ୍ର (୪୦), ଲଦ୍ଦାଖ (୩୧), ଜାମ୍ମୁ ଓ କାଶ୍ମୀର (୩୧), କର୍ଣ୍ଣାଟକ(୨୧), ଆସାମ (୨୦.୬), ଛତିଶଗଡ (୧୮), ସିକିମ (୧୨), ମଣିପୁର (୧୧)। ଦକ୍ଷିଣ ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟଗୁଡିକରେ ଶାକାହାରୀଙ୍କ ସଂଖ୍ୟା ୧୦ ପ୍ରତିଶତରୁ ମଧ୍ୟ କମ୍ ରହିଛି। ଏହି ରାଜ୍ୟଗୁଡିକ ମଧ୍ୟରେ ତ୍ରିପୁରା (୮), ବିହାର (୭.୫), ମିଜୋରାମ (୬), ମେଘାଳୟ (୫)ରେ ପାଞ୍ଚ ବା ପାଞ୍ଚରୁ ଅଧିକ ପ୍ରତିଶତ ଶାକାହାରୀ ଥିଲାବେଳେ ୫ ପ୍ରତିଶତରୁ କମ୍ ଶାକାହାରୀ ଥିବା ରାଜ୍ୟଗୁଡିକ ହେଲେ ଅରୁଣାଚଳ ପ୍ରଦେଶ (୪), ଝାଡଖଣ୍ଡ (୩), କେରଳ (୩), ଓଡିଶା (୨.୬), ତାମିଲନାଡୁ (୨.୩), ନାଗାଲାଣ୍ଡ(୨), ତେଲେଙ୍ଗାନା (୧.୭), ପଶ୍ଚିମବଙ୍ଗ (୧.୪), ଆନ୍ଧ୍ରପ୍ରଦେଶ (୧.୩)। ସେମିତି ବିଶ୍ୱରେ ଶାକାହାରୀ ସଂଖ୍ୟା ଦେଖିଲେ (ପ୍ରତିଶତ ହିସାବରେ) ଆର୍ଜେଣ୍ଟିନା (୧୨), ଅଷ୍ଟ୍ରେଲିଆ (୧୨.୧), ବେଲଜିୟମ (୭), ବ୍ରାଜିଲ (୧୪), କାନାଡା (୭.୬), ଚିଲି (୬), ଚୀନ (୪.୫), କଲମ୍ବିଆ (୪), ଚେକ୍ ରିପବ୍ଲିକ(୫), ଡେନମାର୍କ (୧୦), ଫିନଲାଣ୍ଡ (୧୨), ଇଷ୍ଟୋନିଆ (୬), ଜର୍ମାନୀ (୧୦), ଗ୍ରୀସ (୪), ହଙ୍ଗେରୀ (୫), ଆୟରଲାଣ୍ଡ (୮.୪), ଜାପାନ (୯), ଲାଟଭିଆ (୫), ଲିଥୁଆନିଆ (୬), ନେଦରଲାଣ୍ଡ (୫), ନରୱେ (୯), ଫିଲିପାଇନ୍ସ (୫), ସିଙ୍ଗାପୁର (୭), ସ୍ୱିଡେନ(୧୨), ତାଇୱାନ (୧୩), ଭିଏତନାମ (୧୦), ଆମେରିକା (୫), ୟୁକ୍ରେନ (୫.୨), ବ୍ରିଟେନ (୧୦), ନିଉଜିଲାଣ୍ଡ (୧୦)ରେ କିଛି କିଛି ଶାକାହାରୀ ରହିଛନ୍ତି। ଇସ୍ରାଏଲରେ (୧୩) ପ୍ରତିଶତ ଶାକାହାରୀ ରହିଛନ୍ତି। ବିଶ୍ୱରେ ଭାରତର ଶାକାହାରୀ ସଂଖ୍ୟା ୨୩ପ୍ରତିଶତରୁ ଅଧିକ ରହିଥିବାର କୁହାଯାଉଛି। କିନ୍ତୁ ଏହି ସଂଖ୍ୟାରେ କେବଳ ଉତ୍ତର ଏବଂ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକର ଅଂଶ ଅଧିକ ରହିଛି। ବିଶ୍ୱରେ ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଶାକାହାରୀ ଥିବାରୁ ଭାରତ ସବୁଠୁ ଆଗରେ ରହିଛି। ସେମିତି ଚୀନରେ ଶାକାହାରୀ ବହୁତ କମ୍। ସେଠାରେ ପ୍ରାୟ ପ୍ରତ୍ୟେକ ଖାଦ୍ୟ ଏପରିକି ଚିପ୍‌ସକୁ ମାଂସାହାରରେ ଗଣାଯାଇଥାଏ।

ଭାରତର ଗୁଜରାଟ ପ୍ରଦେଶ ଅନ୍ତର୍ଗତ ଭାବନଗର ଜିଲ୍ଲାରେ ସର୍ବାଧିକ ଶାକାହାରୀ ଥିବା ହିସାବରୁ ଜଣାପଡେ। ଏହି ଜିଲ୍ଲାରେ ଥିବା ପଲିତଣା ଜୈନଙ୍କ ଧାର୍ମିକନଗରୀ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ଶାକାହାରୀ ଦେଖାଯାଇଥାନ୍ତି। ପୃଥିବୀର ସର୍ବାଧିକ ୨ଟି ଶାକାହାରୀ ଜିଲ୍ଲା ମଧ୍ୟରୁ ଏହା ଅନ୍ୟତମ।





# ପୋଖରୀ ନିର୍ମାଣ ଓ ପେଭର ବ୍ଲକ୍ ବିଛା ଦୁର୍ନୀତିର ତଦନ୍ତ ପାଇଁ ଦାବି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୬ ନମ୍ବର ୱାର୍ଡର ଶାନ୍ତିନଗର ଠାରେ ହୋଇଥିବା ପୋଖରୀ ନିର୍ମାଣରେ ହୋଇଥିବା ଦୁର୍ନୀତି ଓ ଲେବର ଟେନାମେଣ୍ଟର ରାସ୍ତାପାର୍ଶ୍ୱରେ ନିମ୍ନମାନର ପେଭର ବ୍ଲକ୍ ବିଛା କାର୍ଯ୍ୟର ତଦନ୍ତ ପାଇଁ ଉକ୍ତ ୱାର୍ଡର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି। ଗତ ତା-୯.୧୧.୨୨ ରିଖରେ ଉକ୍ତ ୱାର୍ଡର ଶାନ୍ତିନଗର ଓ ଲେବର ଟେନାମେଣ୍ଟ ଅଞ୍ଚଳର ପ୍ରତିନିଧି ସ୍ତରୀୟ ବାସିନ୍ଦାମାନେ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ମହାନଗର ନିଗମର କମିଶନର ଏବଂ ଉପକମିଶନରଙ୍କୁ ସାକ୍ଷାତ କରି ଏହି ପୋଖରୀର ନିର୍ମାଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଦୁର୍ନୀତି ସମ୍ପର୍କରେ ଅବଗତ କରାଇଥିଲେ। ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ୪୪ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏହି ପୋଖରୀର ଉନ୍ନୟନ କାର୍ଯ୍ୟ କରାଯାଇଥିଲେହେଁ ସମ୍ପ୍ରତି ଏହା ଏକ ଆବର୍ଜନା କୁଣ୍ଡରେ ପରିଣତ ହୋଇ ମଶା, ମାଛିଙ୍କ ପ୍ରଜନନ କେନ୍ଦ୍ରରେ ପରିଣତ ହୋଇଛି। ପୋଖରୀ ହୁଡାରେ ନିର୍ମିତ ପ୍ରାଚୀରରେ ଲଗାଯାଇଥିବା ଟାଇଲ୍ ଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ କେତେକ ସ୍ଥାନରେ ଉଠିଗଲାଣି ତ ଆଉ କେତେ ସ୍ଥାନରେ ଭାଙ୍ଗି ଗଲାଣି। ପୋଖରୀ ପାର୍ଶ୍ୱରେ ନିର୍ମିତ ନାଳି କେତେକ ସ୍ଥାନରେ ଭୁଷୁଡି ପଡିଥିବାରୁ ବର୍ଷାଜଳ ନିଷ୍କାସନ ହୋଇନପାରି ବସ୍ତିବାସୀଙ୍କ ଘରେ ପଶୁଛି। ତେଣୁ ଏହି ପୋଖରୀ ନିର୍ମାଣରେ ବ୍ୟାପକ ଅର୍ଥ ହରିଲୁଟ୍ ହୋଇଥିବା ସ୍ପଷ୍ଟ ଜଣାପଡୁଥିବାରୁ ଏହାର ତଦ' କରି ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ବାସିନ୍ଦାମାନେ ଦାବି କରିଛ଼ି ଏବଂ ଏହି ପୋଖରୀର ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ କୌଣସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ବସ୍ତି କମିଟିକୁ ହସ୍ତା'ର କରିବାକୁ ବାସିନ୍ଦାମାନେ ପ୍ରସ୍ତାବ ଦେଇଛ଼ି। ସେହିପରି ଲେବର ଟେନାମେଣ୍ଟ ଅଞ୍ଚଳରେ ଗତ ୨/୩ ମାସ ତଳେ ରାସ୍ତା ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକ୍ କାର୍ଯ୍ୟ ଅତ୍ୟ' ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ବ୍ଲକ୍ ଗୁଡିକ ଉଠିଯିବା ସହିତ କେତେକ ସ୍ଥାନରେ ଭୁଷୁଡି ପଡିଲାଣି। ତେଣୁ ଏହି ଉଭୟ ପ୍ରକଳ୍ପରେ ହୋଇଥିବା ଦୁର୍ନୀତିର ଆବଶ୍ୟକ ତଦ' କରି ଦୃଷ୍ଟା'ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି। ଅନୁରୂପ ଭାବେ କମ୍ୟୁନିଟି ସେଣ୍ଟର ପାର୍ଶ୍ୱରେ ଏକ ଡାଇନିଙ୍ଗ ହଲ୍ ନିର୍ମାଣ କରିବା, ତ୍ରିନାଥ ନଗର ଅଙ୍ଗନବାଡି କେନ୍ଦ୍ର ପାଇଁ ଏକ ଗୃହ ଯୋଗାଇ ଦେବାକୁ ଏହି ଅବସରରେ ଦାବି କରାଯାଇଛି। ମହାନଗର ନିଗମ ତରଫରୁ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି ସେଥିରେ ସ୍ୱଚ୍ଛତା ରଖାଯିବା ସହିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୱାର୍ଡର ବାସିନ୍ଦାମାନେ ଦାବି କରିଛ଼ି। ଏହି ପ୍ରତିନିଧିମାନଙ୍କ ମଧ୍ୟରେ ଉକ୍ତ ୱାର୍ଡର ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ, ଚତୁର୍ଭୁଜ ସାମଲ, ଜିତେନ୍ଦ୍ର ଦାସ, ଗୌରୀ ପ୍ରସାଦ ଦାସ, ଅକୁଳ ପାତ୍ର, ନାରାୟଣ ବଡାଇକ, ରୋଶନ କୁଲୁ, ଚନ୍ଦ୍ରଶେଖର ରାଓ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା କଂଗ୍ରେସର ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଅ'ରୀଣ ସଭାପତି ଦେବବ୍ରତ ବିହାରୀ, ପିସିସି ସଭ୍ୟ ସବୀର ହୁସେନ ଏବଂ ସୁଧୀର ନାଥ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ୱାର୍ଡର ଉପରୋକ୍ତ ସମସ୍ୟା ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ।

# ସ୍କାଉଟ ଗାଇଡ୍‌ମାନଙ୍କ ଦ୍ୱାରା ଭୋଟର ସଚେତନତା ଶୋଭାଯାତ୍ରା



ଭୁବନେଶ୍ୱର (ପିଏନ୍): ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମ ତା୯.୧୧.୨୦୨୨ରିଖ ସକାଳ ୭ ଘଟିକା ସମୟରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜର ମିଳିତ ହୋଇ ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ୍ ଛକରୁ ବାହାରି ଯଥାକ୍ରମେ ପିଏମ୍‌ଜି ଛକ, ରବିନ୍ଦ୍ର ମଣ୍ଡପ, ପାୱାର ହାଉସ୍ ଛକ ଦେଇ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜନ ମାନେ ସଚେତନତା ସମ୍ପର୍କୀୟ ବିଭିନ୍ନ ପ୍ଲାକାର୍ଡ ଧରି ଜନସଚେତନତା ସୃଷ୍ଟି କରିବାର ପ୍ରୟାସ କରିଥିଲେ। ରାଜ୍ୟ ମୁଖ୍ୟାଳୟର ଯୁଗ୍ମ ସମ୍ପାଦକ ଶ୍ରୀ ମିହିର ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ ବିଦ୍ୟାଳୟମାନଙ୍କରୁ ଆସିଥିବା ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍କାଉଟ, ଗାଇଡ୍, ରୋଭର ଓ ରେଞ୍ଜନରମାନଙ୍କର ଏପରି କାମକୁ ଦେଖି ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ବହୁତ ପ୍ରଶଂସା କରିଥିଲେ।

## ବୀରଗୋବିନ୍ଦପୁର ସରପଞ୍ଚଙ୍କ ଦ୍ୱାରା କମ୍ବଳ ବଣ୍ଟନ



ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ପଂଚାୟତର ସରପଞ୍ଚ ଦିଲ୍ଲୀପ କୁମାର ମାଝୀଙ୍କ ଦ୍ୱାରା ଯୁଗଳକିଶୋରପୁର ଠାରେ ଶୀତର ଲହରୀକୁ ଆଖି ଆଗରେ ରଖି ଗରିବ ଅସହାୟ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସରପଞ୍ଚଙ୍କ ଏଭଳି ପ୍ରୟାସକୁ ପଂଚାୟତବାସୀ ପ୍ରଶଂସା କରିଥିବା ବେଳେ ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ବଳରାମ ଟୁଡୁ, ମୁନି ହେମ୍ବ୍ରମ, ସୁଶାନ୍ତ ସୋରେନ୍, ସୁନୀଲ କୁମାର ପ୍ରଧାନ, ସୁଶାନ୍ତ କୁମାର ମାଝୀ, ବୃନ୍ଦାବନ ଗୁଇଁ ପ୍ରମୁଖ ସହଯୋଗ କରିଥିଲେ।

# ବିଜୁ ଜନତାଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ସ୍ଥିତ ଶାଳଦିଆଁର ଗେଡମା ପଂଚାୟତ ଠାରେ ବିଜୁ ଜନତାଦଳ ତରଫରୁ ଜନସମ୍ପର୍କ ପଦଯାତ୍ରା ସହ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୁ ଜନତାଦଳର ବହୁ ତୁଙ୍ଗ ନେତାମାନେ ଯୋଗ ଦେଇଥିବା ବେଳେ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜନହିତକର କାର୍ଯ୍ୟର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବା ଏହି ଜନସମ୍ପର୍କ ପଦଯାତ୍ରାର ମୂଳଲକ୍ଷ୍ୟ। ଏହି ପଦଯାତ୍ରାରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ରଙ୍ଗାଧର ମଲ୍ଲିକ, ସୁରେନ୍ଦ୍ର ଜେନା, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ବ୍ଲକ ଉପାଧକ୍ଷ ରତିକାନ୍ତ ରାଉତ, ଅଭିମନ୍ୟୁ ସେଠୀ, ବିଜୟ ରାଉତ, ବିଶ୍ୱନାଥ ନାୟକ, ହାଟଡିହି ସରପଂଚ ଚିନ୍ମୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପଦଯାତ୍ରା ସାହାପୁର ଗ୍ରାମରୁ ବାହାରି ଗେଡମା ପଂଚାୟତ ଦେଇ ଏକ ବିଶାଳ ପଦଯାତ୍ରା କରାଯାଇଥିଲା।

# ଡିଜେଲ ଚୋରକୁ ପୁଲିସରେ ଜିମା ଦେଲେ



କେନ୍ଦୁଝର (ପିଏନ୍): ଝୁମ୍ପୁରା ଥାନା ଅଚଂଳ ୨୦ନମ୍ବର ଜାତୀୟ ରାଜପଥ ମରୁସୁଆଁ ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରୁ ବିଳମ୍ବିତ ରାତିରେ ଟ୍ରକ ଡ୍ରାଇଭରମାନେ ଜଣେ ଡିଜେଲ ଚୋରକୁ କାବୁ କରି ପୁଲିସକୁ ଜିମା ଦେଇଥିଲେ। ଗିରଫ ହୋଇଥିବା ଡିଜେଲ ଚୋର ଜଣକ ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରୀସାହି ଗ୍ରାମ ଝାଡେଶ୍ୱର କୁମ୍ଭାରଙ୍କ ପୁଅ ବୁଲବୁଲ ବେହେରା ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ୨୦ନମ୍ବର ଜାତୀୟ ରାଜପଥ ଦୁଧକୁଣ୍ଡି ଛକ ନିକଟରେ ଥିବା ଜଗନ୍ନାଥ ଢାବା ପରିସରରେ ୧୬ ଚକିଆ ଗାଡି ନଂ (ଓଡି୦୯ଭି୨୬୮୫) ଛିଡା କରି ଡ୍ରାଇଭର ମାଜୁରା ମହାରଣା ଖାଇବା ପାଇଁ ଢାବା ଭିତରକୁ ଯାଇଥିଲେ। ମାଜୁରା ଖାଇସାରି ନିଜ ଗାଡି ପାଖକୁ ଆସିବା ବେଳେ ଦେଖିବାକୁ ପାଇଲା ତାର ୧୬ ଚକିଆ ଗାଡିରୁ ଦୁଇଜଣ ପିଲା ପାଇପ୍ ଲଗାଇ ଡିଜେଲ ଟାଙ୍କିରୁ ଡିଜେଲ ଚୋରୀ କରୁଥିଲେ ଏବଂ ସେମାନଙ୍କ ପାଖରେ ଏକ (ଆରଟିଗା) କାର ଗାଡି ନଂ (ଜେଏଚ୍୦୫ସିୟୁ୦୧୭୭) ଛିଡା କରିଥିଲେ। ଡିଜେଲ ଚୋରୀ କରୁଥିବା ଦେଖି ବଡ ପାଟି କରି ଅନ୍ୟ ଡ୍ରାଇଭର ଭାଇମାନଙ୍କୁ ମାଜୁରା ଡାକ ପକାଇଲା। ପାଟି ଶୁଣି ଢାବାରେ ଥିବା ସମସ୍ତ ଡ୍ରାଇଭରମାନେ ଦୌଡି ଆସିଲେ। ପାଟି ଶୁଣି ଡିଜେଲ ଚୋରମାନେ ମଧ୍ୟ ଦୌଡିବାକୁ ଉଦ୍ୟମ କରୁଥିବା ବେଳେ ଜଣେ ଚୋରକୁ ଡ୍ରାଇଭରମାନେ କାବୁ କରିଥିବା ବେଳେ ଅନ୍ୟ ଜଣେ ଚୋର କୌଶଳକ୍ରମେ ଖସିଯିବାକୁ ସକ୍ଷମ ହୋଇଥିଲା। ତେବେ ଖସି ପଳାଇଯାଇଥିବା ଡିଜେଲ ଚୋର ଜଣକ ହେଲା ଝାଡଖଣ୍ଡ ଅଚଂଳ ମଝିଗାଁ ଥାନା ଚତୁରିସାହି ଗ୍ରାମର ଓକିଲ ଦଳାଇଙ୍କ ପୁଅ ରାଜିବ୍ ଦଳାଇ (୨୮ବର୍ଷ) ବୋଲି ଜଣାପଡିଛି। ଡ୍ରାଇଭରମାନେ ଡିଜେଲ ଚୋରକୁ ଅଟକ ରଖି ଝୁମ୍ପୁରା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଚି ଚୋରମାନେ ବ୍ୟବହାର କରୁଥିବା ଗାଡି ଏବଂ ୧୦ ଲିଟର ଡିଜେଲ ଥିବା ଏକ ପ୍ଲାଷ୍ଟିକ ଜାରକିନ ଏବଂ ୧୦ଗୋଟି ଖାଲି ପ୍ଲାଷ୍ଟିକ ଜାରକିନ ଜବତ କରିଥିଲେ। ତେବେ ଡ୍ରାଇଭର ମାଜୁରା ମହାରଣାଙ୍କ ଲିଖିତ ଅଭିଯୋଗକୁ ଭିତି କରି ଝୁମ୍ପୁରା ପୁଲିସ କେଶ୍-୧୨୨/୨୨ ରୁଜୁ କରି ଆସାମୀ ବୁଲବୁଲ ବେହେରାକୁ କୋର୍ଟ ଚାଲାଣ କରିବା ସହ ଅନ୍ୟ ଡିଜେଲ ଚୋରକୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଅଳ ସୂଚନା ଦେଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୦୫

# ଆନ୍ତର୍ଜାତୀୟ ଚିତାବାଘ ଦିବସ



ସାଇକତ୍ କୁମାର ବସୁ

ଚିତାବାଘ ଏବଂ ସେମାନଙ୍କର ସୁରକ୍ଷା ଏବଂ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି ପାଇଁ ଉତ୍ସର୍ଗୀକୃତ ଆନ୍ତର୍ଜାତୀୟ ଚିତାବାଘ ଦିବସ । ଚିତାବାଘ ସବୁଠୁ ପ୍ରତୀକାତ୍ମକ ଏବଂ ଆକର୍ଷଣୀୟ ବଡ ବିଲେଇମାନଙ୍କ ମଧ୍ୟରୁ ଗୋଟିଏ, କିନ୍ତୁ ସେମାନେ ଅନେକ ବିପଦର ସମ୍ମୁଖୀନ ହୁଅନ୍ତି, ଯେପରିକି ବାସସ୍ଥାନ ନଷ୍ଟ, ପୋଚିଂ ଏବଂ ମଣିଷ ସହିତ ବିବାଦ । ଚିତାବାଘ ଏକ ସୁସ୍ଥ ଇକୋସିଷ୍ଟମର ସୂଚକ, କାରଣ ସେମାନଙ୍କର ଉପସ୍ଥିତି ପ୍ରାୟତ କ୍ଷସଶଷ ଉଚ୍ଚ ଜ କ୍ଟୟସ ବ ବିବିଧତା ସ୍ତର ସହିତ ଜଡିତ । ଚିତାବାଘର ସୁରକ୍ଷା ଅର୍ଥ ହେଉଛି ବାସସ୍ଥାନ ଏବଂ ଶିକାର ପ୍ରଜାତିର ସୁରକ୍ଷା, ଯାହା ସେମାନଙ୍କୁ ସମର୍ଥନ କରେ, ଯାହା ଦ୍ କ୍ଟକ୍ଷବଭଶ୍ୱ ।ରା ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ଏକ ବିସ୍ତୃତ ଧାରା ସଂରକ୍ଷଣ ହୁଏ । ତାରିଖ ଏବଂ ଇତିହାସ ଠାରୁ ମହତ୍ତ୍ୱ ପର୍ଯ୍ୟନ୍ତ, ଏହି ଦିନ ବିଷୟରେ ଅଧିକ ଜାଣିବା ପାଇଁ ତଳକୁ ସ୍କ୍ରୋଲ୍ କରନ୍ତୁ ।

ପ୍ରତିବର୍ଷ ମେ ୩ ରେ ଆନ୍ତର୍ଜାତୀୟ ଚିତାବାଘ ଦିବସ ପାଳନ କରାଯାଏ ଏବଂ ଚଳିତ ବର୍ଷ ଏହା ଶୁକ୍ରବାର ଦିନ ପାଳନ କରାଯିବ । ମାର୍ଚ୍ଚ ୨୦୨୩ ଗ୍ଲୋବାଲ୍ ଲିଓପର୍ଡ ସମ୍ମିଳନୀର ଡେବ୍ୟୁ ହୋଇଥିଲା, ଏକ ଭୂମିପୂଜନ ଘଟଣା ଯାହା ଶହ ଶହ ଗବେଷକ, ଛାତ୍ର, ସଂରକ୍ଷଣବାଦୀ ଏବଂ ଉତ୍ସାହୀଙ୍କୁ ଏକ କ୍ଷସଶ୍ୱଶ୍ୱକ୍ଟଶ୍ୱ ତିହାସିକ ସମାବେଶରେ ଚିତାବାଘର ପାନ୍ଥେରା ପାର୍ଡସ୍ ଉପରେ ପର୍ଯ୍ୟବେସିତ କରିଥିଲା ??।

ଏକ ଜଣାଶୁଣା ତଥା ପରୋପକାରୀ ପ୍ରଜାତି ଭାବରେ ଚିତାବାଘର ସ୍ଥିତି ସତ୍ତ୍ୱ, ?, ସମ୍ମିଳନୀରେ ଉପସ୍ଥାପନା ଏବଂ ଆଲୋଚନା ଚିତାବାଘ ସଂରକ୍ଷଣ ପ୍ରୟାସରେ ସଚେତନତା, ସମର୍ଥନ ଏବଂ ବିନିଯୋଗର ଜରୁରୀ ଆବଶ୍ୟକତାକୁ ଦର୍ଶାଇଲା । ଗ୍ଲୋବାଲ୍ ଚିତାବାଘ ସମ୍ମିଳନୀର ଏକ ଚିରସ୍ଥାୟୀ ଉତ୍ତରାଧିକାରୀ ଭାବରେ ଆନ୍ତର୍ଜାତୀୟ ଚିତାବାଘ ଦିବସ ଆନୁଷ୍ଠାନିକ ଭାବରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହାକୁ ବିଶ୍ ଙ୍ଗସକ୍ଷୟ ର ବନ୍ୟଜନ୍ତୁ କ୍ୟାଲେଣ୍ଡରରେ ଏକ ସ୍ଥାୟୀ ତଥା ମହତ୍ position ପୂର୍ଣ୍ଣ ସ୍ଥାନ ପ୍ରଦାନ କରାଯାଇଥିଲା । ଏହି ପଦବୀଟି ବିଶ୍ୱବ୍ୟାପୀ ଉତ୍ସାହୀମାନଙ୍କୁ ଚିତାବାଘର ପ୍ରଚାର ଏବଂ ଉତ୍ସବ ପାଳନ କରିବାକୁ ପ୍ରେରଣା ଦେବା, ବିଶ୍ୱ ସ୍ତରରେ ସେମାନଙ୍କର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ।

ଆନ୍ତର୍ଜାତୀୟ ଚିତାବାଘ ଦିବସର ମହତ୍ତ୍ୱ। ହେଉଛି ଚମତ୍କାର ଚିତାବାଘ, ପାନ୍ଥେରା କ୍ଷମା ସଂରକ୍ଷଣ ପାଇଁ ସଚେତନତା ଏବଂ ସମର୍ଥନ ବୃଦ୍ଧି କରିବା । ଚିତାବାଘ, ମରୁଭୂମି ଏବଂ ଜ କ୍ଟୟସ ବ ବିବିଧତାର ପ୍ରତୀକ ଭାବରେ, ଇକୋସିଷ୍ଟମର ସନ୍ତୁଳନ ବଜାୟ ରଖିବା ପାଇଁ ଜରୁରୀ ।ଏହି ଦିନ ପ୍ରାକୃତିକ ଦୁନିଆରେ ଚିତାବାଘର ସ ଭରବଙ୍କଶ୍ୱଚ୍ଚ ନ୍ଦର୍ଯ୍ୟ ଏବଂ ଗୁରୁତ୍ୱକୁ ପାଳନ କରୁଥିବାବେଳେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ ଯେପରିକି ବାସସ୍ଥାନ ଅବକ୍ଷୟ, ପୋଚିଂ ଏବଂ ମାନବ-ବନ୍ୟଜନ୍ତୁ



ବିବାଦ । ଆନ୍ତର୍ଜାତୀୟ ଚିତାବାଘ ଦିବସ ଏହି ପ୍ରସିଦ୍ଧ ବଡ ବିଲେଇମାନଙ୍କର ବାସସ୍ଥାନ ଏବଂ ଜନସଂଖ୍ୟାକୁ ବଞ୍ଚାଇବା ପାଇଁ ସମନ୍ୱିତ କାର୍ଯ୍ୟର ଆବଶ୍ୟକତା ଉପରେ ଆଲୋକପାତ କରେ । ଶିକ୍ଷା, ଓକିଲାତି ଏବଂ ସଂରକ୍ଷଣ କାର୍ଯ୍ୟକଳାପକୁ ସମର୍ଥନ କରି ଏହା କରେ ।

*କୋଲକାତା*

# ଏକ ରାଷ୍ଟ୍ର ...ଏକ ନିର୍ବାଚନ



ଡ.ଇଂ.ଜୟ କୁମାର ପଣ୍ଡା

ଆମେରିକାର ପ୍ରାକ୍ତନ ଲୋକପ୍ରିୟ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନଙ୍କ ମତରେ –

Election belong to the people. It's their decision. If they decide to turn their back on the fire and burn their behinds, then they will just have to sit on their blisters.

ଅର୍ଥାତ୍ ନିର୍ବାଚନ ଗଣତନ୍ତ୍ରର ଅମୋଘ ଅସ୍ତ୍ର। ଜନତାଙ୍କ ଏହା ଇଚ୍ଛାଧିନ ଅଟେ ଯେ ସେମାନେ ନିର୍ବାଚନ ରୂପୀ ଅଗ୍ନିକୁ ବାରଣ କରି ମୁହଁ ମୋଡି ନିଜର ପୃଷ୍ଠ ଭାଗକୁ ଜାଳିଦେବେ ନା ସେମାନେ ଏହି ଅଗ୍ନି ସ୍ୱରୂପରେ ଯୋଗଦାନ କରିବେ। ଆଜିର ସମାଜରେ ମନୁଷ୍ୟ ଗଣତନ୍ତ୍ରରେ ବିଶ୍ୱାସ ରଖି ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବାକୁ ବ୍ୟଗ୍ର ହେବା ସହ ମାନବିକ ଅଧିକାରକୁ ମଧ୍ୟ ଅଗ୍ରାଧିକାର ଦେଉଛି। ଏଣୁ ନିର୍ବାଚନ ପ୍ରତି ବିମୁଖ ନ ହୋଇ ରାଜନୀତିର କଳୁଷିତ ଦିଗକୁ ଘୃଣା କରି ସକରାତ୍ମକ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା କରିବା ସହ ନିର୍ବାଚନ ଓ ରାଜନୀତିରେ ଶିକ୍ଷିତ ସମାଜ ଅଂଶ ଗ୍ରହଣ କରିବା ବିଧେୟ।

ଆଜିର ଶିକ୍ଷିତ ସମାଜ ନିଜକୁ ସ୍ୱତନ୍ତ୍ର ଓ ସ୍ୱାଧୀନ ଚିନ୍ତା କରି ଅତି ଭାବ ପ୍ରବଣତାର ଶିକାର ହୋଇ ଗଣତନ୍ତ୍ରକୁ ଅସ୍ତ୍ର ରୂପେ ବ୍ୟବହାର କଲେ ସ୍ୱେଚ୍ଛାଚାରିତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ରାଷ୍ଟ୍ରୀୟ ଅନୁଶାସନ ଶୃଙ୍ଖଳା ମଧ୍ୟରେ ରହି ଗଣତନ୍ତ୍ର ଶାସନର ସୁଫଳ ପାଇବାକୁ ହେଲେ ନିର୍ବାଚନ ଏକ ପ୍ରକୃଷ୍ଟ ମାଧ୍ୟମ। ମନୁଷ୍ୟ ନିଜକୁ ଆଜନ୍ମ ସ୍ୱାଧୀନ ବୋଲି ଯେତେ ଡିଣ୍ଡିମ ପିଟିଲେ ମଧ୍ୟ ସେ ସଦାସର୍ବଦା କୌଣସି ନା କୌଣସି ଶୃଙ୍ଖଳାରେ ଅନୁବନ୍ଧିତ, ଏହା ବୁଝିବା ଆବଶ୍ୟକ। ପ୍ରସିଦ୍ଧ ଫରାସୀ ଦାର୍ଶନିକ ଜିନ୍ ଜାକୁସ୍ ରଶୋଙ୍କ ମତରେ –

«Man is born free, and everywhere he is in chain.«

ଜାତିସଂଘରେ ମଧ୍ୟ ଖ୍ରୀ ୧୯୪୮, ଡିସେମ୍ବର ୧୦ ତାରିଖରେ ମାନବାଧିକାର ଉପରେ ଏକ ଘୋଷଣାନାମା ଅନୁମୋଦିତ ହେଲା, ଯାହାକି –

Universal respect for and observance of human rights and fundamental freedom for all without distinction as to race, sex, language and religion.

ଏହି କ୍ରମରେ ଆଧୁନିକ ସମାଜରେ ଶିକ୍ଷାର ଅଗ୍ରଗତି ହେବାରୁ ଆତ୍ମ ସଚେତନତା ବୃଦ୍ଧି ପାଇଛି। ଫଳତଃ ଗଣତନ୍ତ୍ର ରାଷ୍ଟ୍ରରେ ସ୍ୱାଧୀନତାର ସ୍ୱର ଶାଣିତ ହେବା ସହ ଆତ୍ମମର୍ଯ୍ୟାଦା ଏକ ନୂତନ ରୂପ ନେଇଛି। ତଥାପି ଗଣତନ୍ତ୍ରକୁ କଣ୍ଠରୋଧ କରି କିମ୍ବା ଏହାର ଫାଇଦା ଉଠାଇ ଚତୁର ରାଜନୈତିକ ବର୍ଗ ପ୍ରକାରାନ୍ତରେ ଶୋଷଣ କରୁଥିବାରୁ ଏକ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଓ ଭାରତବର୍ଷର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ସ୍ଥିତିର ଅଭିବୃଦ୍ଧି ନିମନ୍ତେ ଶିକ୍ଷିତ ଯୁବ ସମାଜ ଆଗଭର ହେବା ସହ ଅନୁଭୂତି ସମ୍ପନ୍ନ, ସ୍ୱଚ୍ଛ ଭାବମୂ ର୍ତ୍ତି ସମ୍ପନ୍ନ ବରିଷ୍ଠଙ୍କ ପଦାଙ୍କ ଅନୁସରଣ କରି ଗଣତାନ୍ତ୍ରିକ ବିପ୍ଳବରେ ଭାଗିଦାରୀ ହେବା ବିଧେୟ। ସୁଖଦ ବିଷୟ ଯେ ପ୍ରତ୍ୟେକ ପାଂଚବର୍ଷ ବ୍ୟବଧାନରେ ବିଭିନ୍ନ କ୍ଷେତ୍ରରେ ନିର୍ବାଚନ ଆସୁଥିବାରୁ ସାମାଜିକ ବିପ୍ଳବକୁ ସାକାର କରିବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହୋଇଥାଏ। ଏହାକୁ ସଫଳ ପ୍ରୟୋଗ କରିବାକୁ ହେଲେ ଶିକ୍ଷିତ ସମାଜ ଜନଜାଗରଣ ସୃଷ୍ଟି କରି ଉପଯୁକ୍ତ ପ୍ରାର୍ଥୀ ଚୟନରେ ସହାୟକ ହେବା ସମୟର ଆବଶ୍ୟକତା ଅଟେ। ଭାରତବର୍ଷର ସମଗ୍ର ରାଷ୍ଟ୍ରରେ ଏକ ନିର୍ବାଚନର ଇତିହାସ ପୃଷ୍ଠ ଅବଲୋକନ କଲେ ଜ୍ଞାତ ହୁଏ ଯେ ୧୯୫୧-୧୯୬୭ ମସିହା ମଧ୍ୟରେ ଚାରିଥର ଏକ ରାଷ୍ଟ୍ର କେ ନିର୍ବାଚନ ହୋଇଥିଲା। ଖ୍ରୀ ୧୯୫୧-୫୨ରେ ପ୍ରଥମ ଲୋକସଭା ନିର୍ବାଚନ ହେଲା ଯେଉଁଥିରେ ସର୍ବମୋଟ ୪୮୯ ଲୋକସଭା ପ୍ରାର୍ଥୀ ମଧ୍ୟରୁ କଂଗ୍ରେସ – ୩୬୪ ପ୍ରାର୍ଥୀ ବିଜୟୀ ହୋଇ ଜବାହରଲାଲ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ କରିଥିଲା। ଏହି ସରକାର ତା.୧୭,୦୪.୧୯୫୨ରିଖରେ ଶପଥ ଗ୍ରହଣ କରିଥିଲା। ଯାହାକି ତା.୦୪.୦୪.୨୦୫୭ ରିଖ ପର୍ଯ୍ୟନ୍ତ ଚାଲିଲା। ଏହି ନିର୍ବାଚନ ପୂର୍ବରୁ ଜବାହରଲାଲ ନେହେରୁଙ୍କ କ୍ୟାବିନେଟ ସହଯୋଗୀ ଶ୍ୟାମା ପ୍ରସାଦ ମୁଖାର୍ଜୀ ଖ୍ରୀ ୧୯୫୧ ଅକ୍ଟୋବର ମାସରେ ଜନସଂଘ ଗଠନ କରିଥିଲେ। ଠିକ୍ ସେହିପରି ଡ. ଭୀମରାଓ ଆମ୍ବେଦକରଙ୍କ ରିପବ୍ଲିକାନ୍ ପାର୍ଟି, ଆଚାର୍ଯ୍ୟ କୃପାଳିନୀଙ୍କ କିଶାନ ମଜଦୁର ପ୍ରଜା ପରିଷଦ, ରାମମୋହନ ଲୋହିଆଙ୍କ ସମାଜବାଦୀ ପାର୍ଟି ଓ ଜୟ ପ୍ରକାଶ ନାରାୟଣଙ୍କ ଦ୍ୱାରା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା। ପ୍ରଥମ ଲୋକସଭା ବାଚସ୍ପତି ଥିଲେ ଗଣେଶ ବାସୁଦେବ ଭାଓ୍ୱଲଙ୍କର। ଦ୍ୱିତୀୟ ଲୋକସଭା ନିର୍ବାଚନ ସମଗ୍ର ଭାରତରେ ୧୯୫୭ ମସିହାରେ ଅନୁଷ୍ଠିତ ହେଲା, ଯେଉଁଥିରେ ସମଗ୍ର ୪୯୪ ଲୋକସଭା କ୍ଷେତ୍ରରୁ ୩୭୧ କ୍ଷେତ୍ରରେ କଂଗ୍ରେସ ବିଜୟୀ ହୋଇ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ ଓ ଏମ୍. ଅନନ୍ତଶୟନଂ ଆୟାଙ୍ଗାରଙ୍କୁ ଲୋକସଭା ଅଧ୍ୟକ୍ଷରୂପେ ଚୟନ କରିଥିଲା। ଏହାର କାର୍ଯ୍ୟକାଳ ତା.୩୧.୦୩.୧୯୬୨ରିଖ ପର୍ଯ୍ୟନ୍ତ ରହିଥିଲା। ତୃତୀୟ ଲୋକସଭା ନିର୍ବାଚନ ୧୯୬୨ରେ ସମୁଦାୟ ୪୯୪ ଲୋକସଭା କ୍ଷେତ୍ରରୁ କଂଗ୍ରେସ ୩୬୧ ଲୋକସଭା କ୍ଷେତ୍ରରେ ବିଜୟୀ ହୋଇ ଜବାହରଲାଲ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ କରିଥିଲା। ଏହି ସମୟରେ ପାକିସ୍ତାନ ଓ ଚୀନ ସହ ଯୁଦ୍ଧ ହେବାରୁ ଦେଶରେ ଅଶାନ୍ତ ପରିସ୍ଥିତି ହେଲା ଓ ତତ୍କାଳୀନ ରକ୍ଷାମନ୍ତ୍ରୀ କୃଷ୍ଣ ମେନନ୍ଙ୍କୁ ନିଜ ପଦ ହରାଇବାକୁ ପଡିଥିଲା। ଏହି ଅଶାନ୍ତ ଯୁଦ୍ଧ ହେତୁ ନେହେରୁଙ୍କ ଶରୀର ଅସୁସ୍ଥ ହେଲା ଓ ୨୭, ମେ. ୧୯୬୪ରେ ସେ ମୋକ୍ଷ ପ୍ରାପ୍ତି ହେଲେ। ଏହା ପରେ ଦୁଇ ସପ୍ତାହ ପାଇଁ ଗୁଲଜାରି ଲାଲ ନନ୍ଦା ଓ ପରେ ଲାଲ ବାହାଦୁର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେଲେ। ଏହା ପରେ ଭାରତ ପାକିସ୍ତାନ ଯୁଦ୍ଧ ବିରତି ପାଇଁ ତାସ୍କେଣ୍ଟ ଚୁକ୍ତି ତା.୧୦.୦୧. ୧୯୬୬ରେ ହେଲା ଓ ଶାସ୍ତ୍ରୀଙ୍କ ଦେହାନ୍ତ ରହସ୍ୟଜନକ ଥିଲା। ପୁନଶ୍ଚ ଏକମାସ ପର୍ଯ୍ୟନ୍ତ ଗୁଲଜାରିଲାଲ ନନ୍ଦା ଅସ୍ଥାୟୀ ପ୍ରଧାନମନ୍ତ୍ରୀ ରହିବା ପରେ ମୋରାରଜି ଦେଶାଇଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଇନ୍ଦିରା ଗାନ୍ଧୀ ତା.୨୪.୦୧.୧୯୬୬ରିଖରେ ପ୍ରଧାନମନ୍ତ୍ରୀ ହେଲେ। ଚତୁର୍ଥ ଲୋକସଭା ନିର୍ବାଚନ ୧୯୬୭ ମସିହାରେ ହେଲା ଯେଉଁଥିରେ ସମୁଦାୟ ୫୨୦ ଲୋକସଭା ସିଟ୍ ମଧ୍ୟରୁ ୨୮୩ ସିଟ୍ କଂଗ୍ରେସ ଅକ୍ତିଆର କଲା ଯାହାକି ୧୯୬୧ ନିର୍ବାଚନ ତୁଳନାରେ ୭୮ଟି କମ୍ ଥିଲା। ଠିକ୍ ସେହିପରି ବିଧାନସଭା ନିର୍ବାଚନମାନଙ୍କରେ କଂଗ୍ରେସର ପୂର୍ବ ନିର୍ବାଚନ ତୁଳନାରେ ୬୦ ପ୍ରତିଶତ କମ୍ ସିଟ୍ ମିଳିଥିଲା। ଏହି ସମୟରେ ଓଡିଶା, ବିହାର, ପାବ, ପଶ୍ଚିମ ବଙ୍ଗଳା, କେରଳ, ତାମିଲନାଡୁ ଆଦିରେ ଅନ୍ୟ ଦଳ ବିଜୟୀ ହୋଇଥିଲେ। କଂଗ୍ରେସ ଦଳରେ ପ୍ରବଳ ଅନ୍ତଃକନ୍ଦଳ ଯୋଗୁଁ ପ୍ରାକ୍ତନ ଉପ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କୁ ଦଳରୁ ନିଷ୍କାସିତ କରାଗଲା ଓ କଂଗ୍ରେସ ଦଳ ଦୁଇଭାଗ ହୋଇଗଲା। ଯଥା -କଂଗ୍ରେସ (ଓ) ଓ କଂଗ୍ରେସ୍ (ଆଇ)। କଂଗ୍ରେସ (ଓ) ଅର୍ଥାତ୍ କଂଗ୍ରେସ (ଅର୍ଗାନାଇଜେସନ୍) ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ପରିଚାଳିତ ହେଲା ଓ କଂଗ୍ରେସ (ଆଇ) ବା କଂଗ୍ରେସ (ଇନ୍ଦିରା)ର ନେତୃତ୍ୱ ଇନ୍ଦିରା ଗାନ୍ଧୀ ନେଲେ। ଏଥିପାଇଁ ସରକାର ଚଳେଇବା ପାଇଁ ଇନ୍ଦିରା ଗାନ୍ଧୀ ସିପିଆଇ (ଏମ୍)ର ସହଯୋଗରେ ମିଳିତ ସରକାର ଚଳେଇଲେ ଓ ସଂଖ୍ୟା ଗରିଷ୍ଠତା ନ ଥିବାରୁ ଅଳ୍ପ ସଂଖ୍ୟକ ସରକାର ଚଳାଇବାକୁ ଅନିଚ୍ଛୁକ ହୋଇ ଇନ୍ଦିରା ଗାନ୍ଧୀ ଏକ ବର୍ଷ ପୂର୍ବରୁ ଅର୍ଥାତ୍ ଖ୍ରୀ ୧୯୭୧ରେ ମଧ୍ୟବ ର୍ତ୍ତୀ ନିର୍ବାଚନ ଘୋଷଣା କଲେ। ଏହା ଠାରୁ ଦେଶରେ ମଧ୍ୟବ ର୍ତ୍ତୀ ନିର୍ବାଚନର ମି ପୋଡି ହୋଇଗଲା। ଏହାପରେ କ୍ରମଶଃ ରାଜନୈତିକ ବାତାବରଣ ଅସ୍ଥିର ହେବାରୁ ୧୯୭୫-୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଓ ମଧ୍ୟବ ର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବାକୁ ଲାଗିଲା। ସ୍ଥିତି ଏପରି ହେବାରୁ ପ୍ରତିବର୍ଷ କୌଣସି ନା କୌଣସି ନିର୍ବାଚନ ବୋଝ ସାରା ରାଷ୍ଟ୍ରକୁ ଗ୍ରାସ କରିବାକୁ ଲାଗିଲା। ନବେ ଦଶକରେ ନିର୍ବାଚନ ଖର୍ଚ୍ଚ ୪୬୦୦ କୋଟି ଥିବା ବେଳେ ୨୦୧୯ ନିର୍ବାଚନରେ ଏହା ୬୦,୦୦୦ କୋଟିକୁ ସ୍ପର୍ଶ କରିଥିଲା। ୨୦୨୪ ମସିହା ନିର୍ବାଚନରେ ଅପାତତଃ ୧,୩୫୦୦୦ କୋଟି ଖର୍ଚ୍ଚ ହେବା ଆଶଙ୍କା କରାଯାଉଛି। ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ଏହି ଆର୍ଥିକ ବୋଝ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଏଥିପାଇଁ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ 'ଏକ ରାଷ୍ଟ୍ର ଏକ ନିର୍ବାଚନ'ର ବା ର୍ତ୍ତା ପ୍ରଦାନ କରିଥିଲେ। ଏହି କ୍ରମରେଏ-୨୦ସମ୍ମିଳନୀ ପରେ ତା.୦୨, ସେପ୍ଟେମ୍ବର, ୨୦୨୩ ରିଖରେ ଏକ ଉଚ୍ଚସ୍ତରୀୟ କମିଟି ପ୍ରାକ୍ତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ହେଲା ଓ ଏଥିରେ ରାଷ୍ଟ୍ର ଗୃହମନ୍ତ୍ରୀ, ବିରୋଧି ଦଳ ନେତା, ଅର୍ଥ କମିଶନ ଅଧ୍ୟକ୍ଷ ଆଦି ଅନ୍ୟ ୭ଜଣ ସଦସ୍ୟ ରହିଛନ୍ତି। ପାର୍ଲ୍ୟାମେଣ୍ଟାରୀ ଷ୍ଟାଣ୍ଡିଂ କମିଟିର ୨୦୦୫ ପ୍ରସ୍ତାବନା ଅନୁଯାୟୀ (୭୯ତମ ରିପୋର୍ଟ) ଜାତୀୟ ସ୍ତରରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବା ଜରୁରୀ। ଏହି କ୍ରମରେ ନିର୍ଦ୍ଧାରୀତ ନିର୍ବାଚନର ଛଅମାସରୁ ଏକ ବର୍ଷ ପୂର୍ବରୁ ସରକାର ଭାଙ୍ଗିଗଲେ ସେମାନେ ନିର୍ବାଚନ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପ୍ରସ୍ତାବ ଥିଲା। ପ୍ରାକ୍ତନ ରାଷ୍ଟ୍ରପତି ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ରାଷ୍ଟ୍ରପତିଙ୍କୁ ତାଙ୍କର ପ୍ରସ୍ତାବ ପ୍ରଦାନ କରିଛନ୍ତି। ଯେଉଁ ତଥ୍ୟ ଅନୁଯାୟୀ ଏକ ରାଷ୍ଟ୍ର – ଏକ ନିର୍ବାଚନ ନୀତିରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ହେବ। ସ୍ଥାନୀୟ ନିର୍ବାଚନ ସବୁ ଲୋକସଭା ଓ ବିଧାନସଭା ନିର୍ବାଚନରେ ୧୦୦ ଦିନ ମଧ୍ୟରେ ଅନୁଷ୍ଠିତ ହେବ। ଏଥିପାଇଁ ସମ୍ବିଧାନର ଅନୁଚ୍ଛେଦ ୮୦ ରେ ଧାରା ୩୨୪ ଇ ଓ ୩୨୫ର ସଂଶୋଧନ କରାଯାଇ ଯଥାକ୍ରମେ ଏକ ରାଷ୍ଟ୍ର – ଏକ ନିର୍ବାଚନ ଓ ଏକକ ନିର୍ବାଚନ ଖସଡା ଓ ଭୋଟ ପରିଚୟ ପତ୍ର ପ୍ରଦାନ କରିବାକୁ ପ୍ରସ୍ତାବ ପ୍ରଦାନ କରିଛନ୍ତି। ଏହି ପ୍ରସ୍ତାବକୁ ବିଜେପି ସମେତ ୩୨ଟି ରାଜନୈତିକ ଦଳ ସମର୍ଥନ କରିଥିବା ବେଳେ କଂଗ୍ରେସ ସମେତ ଅନେକ ରାଜନୈତିକ ଦଳ (୧୫) ବିରୋଧ କରିଥିଲେ। ଏହି ନିୟମରେ ଜାତୀୟ ଦଳ ପ୍ରଭାବରେ ଆଂଚଳିକ ଦଳ ସବୁ ନିଶ୍ଚିହ୍ନ ହେବାର ଆଶଙ୍କା କରାଯାଇଛି। ବିରୋଧିଦଳଙ୍କ ମତାନୁସାରେ ସାଧାରଣ ମଧ୍ୟବ ର୍ତ୍ତୀ ନିର୍ବାଚନ ଝାଡଖଣ୍ଡରେ ପାଂଚଟି ଓ ପଶ୍ଚିମବଙ୍ଗରେ ଆଠଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଥିବାରୁ ଏକ ରାଷ୍ଟ୍ର – ଏକ ନିର୍ବାଚନରେ ଆନୁସଙ୍ଗିକ ସୁବିଧା, ପୋଲିସ ମୁତୟନ, ଇଭିଏମ୍ ବ୍ୟବସ୍ଥା, ସରକାରୀ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆଇନ ସମ୍ବନ୍ଧୀୟ ସୁବିଧା ଉପଲବ୍ଧ କରିବା କଷ୍ଟକର ବ୍ୟାପାର ହୋଇଥିବା ବେଳେ ଏକ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ଅସମ୍ଭବ ଅଟେ। କିନ୍ତୁ ଭାରତୀୟ ନିର୍ବାଚନ ଆୟୋଗ ଠିକ୍ ସମୟରେ ନିର୍ବାଚନ କରିପାରିବାର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଏପରି ଦ୍ୱନ୍ଦ ପରିସ୍ଥିତିରେ କୌଣସି ସମୟରେ ଝୁଲା ସରକାର ହେଲେ ଏବଂ ପରେ ସରକାର ପତନ ହେଲେ, ଆସନ୍ତା ନିର୍ବାଚନ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଆବଶ୍ୟକ ସ୍ଥଳେ ଲାଗୁ କରାଯାଇ ପୁନଃ ନିର୍ବାଚନ କରାଯାଇପାରେ। ଏଥିପାଇଁ ଲୋକସଭା ସଂପୂର୍ଣ୍ଣ ରାଷ୍ଟ୍ରରେ କଲାବେଳେ ପଚାଶ ପ୍ରତିଶତ ରାଜ୍ୟରେ ବିଧାନସଭା ନିର୍ବାଚନ କରାଯାଇ ବଳକା ପଚାଶ ପ୍ରତିଶତ ରାଜ୍ୟରେ ଅନ୍ୟୁନ ଦୁଇବର୍ଷ ପରେ ନିର୍ବାଚନ କରାଗଲେ, ଅନ୍ତରୀଣ ନିର୍ବାଚନ ମୁଖ୍ୟ ନିର୍ବାଚନ ସହ ସଂଯୋଗୀକରଣ କରାଯାଇ ପାରିବ ଓ ନିର୍ବାଚନ ଖର୍ଚ୍ଚ ଓ ସମ୍ବିଧାନିକ ସଂକଟକୁ ହ୍ରାସ କରାଯାଇ ପାରିବ। ଏହା ସହିତ ଏକ ରାଷ୍ଟ୍ର – ଏକ ନିର୍ବାଚନର ଅବଧି ପାଂଚବର୍ଷ ବଦଳରେ ଚାରିବର୍ଷ ପାଇଁ ବିଚାର କରାଯାଇ ପାରେ। ଅବାଧ ମୁକ୍ତ ଓ ନିରପେକ୍ଷ ନିର୍ବାଚନରେ ଇଭିଏମ୍ ର ଦାୟୀତ୍ୱ ଗୁରୁତ୍ୱପୂର୍ଣ୍ଣ। ଏଣୁ ଏହାର ସ୍ୱଚ୍ଛ ବ୍ୟବହାର ଭୋଟରଙ୍କ ମନରେ ବିଶ୍ୱାସ ଜନ୍ମେଇ ପାରିବ। ଇଭିଏମ୍ ସହ ଭିଭିପାଟ୍ ର ବ୍ୟବହାର ହେଉଛି ଯେଉଁଥିରେ ଏକ ଝଗଝ ପ୍ରାପ୍ତିପତ୍ର ଭୋଟର ପାଉଛନ୍ତି। ଏହି ବ୍ୟବସ୍ଥାକୁ ଯଦି ଡଞ୍ଚଚ ମାଧ୍ୟମରେ ଏକ ଭୋଟରର ମୋବାଇଲକୁ ଲିଙ୍କ୍ ମାଧ୍ୟମରେ ପ୍ରଦାନ କଲେ ଭୋଟର ଯେତେବେଳେ ଚାହିଁବ ତାର ସତ୍ୟତା ପରୀକ୍ଷା କରିପାରିବ। ଏହି ସୁବିଧାକୁ ଯଦି ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜନୈତିକ ଦଳ ସହ ସଂଯୋଗ କରି ଭୋଟରର ନାମ ଗୁପ୍ତ ରଖାଯାଇ ପାରନ୍ତା। ତେବେ ଇଭିଏମ୍ ର ବିଶ୍ୱସନୀୟତା ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇବ। ପୁନଶ୍ଚ କୌଣସି ନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଥିଲେ ମଧ୍ୟ ନିର୍ବାଚନ କରାଯିବ। କାରଣ 'ଘଡଞ୍ଜଇ'ର ବ୍ୟବସ୍ଥା ନିର୍ବାଚନ ପଦ୍ଧତିରେ ରହିଛି। ଯଦି କୌଣସି ଦଳ ରାଜନୈତିକ ଚଂଚକତା କରି ଏକ ପ୍ରାର୍ଥୀପତ୍ର ଦେଇ ସିଧାସଳଖ ନିର୍ବାଚିତ ହେବାପାଇଁ ଚେଷ୍ଟା କରିଥିବେ, ତେବେ ଜନତା ଚାହିଁଲେ 'ଘଡଞ୍ଜଇ' ସୁଇଚ୍ ଦବେଇ ସେହି ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିପାରିବେ। ଏହା ହେଲେ ଘୋଡାବେପାରୀଙ୍କ ପାଇଁ ଏକ ଦୃଷ୍ଟାନ୍ତମୂଳକ ଶକ୍ତ ଦଣ୍ଡ ହୋଇପାରିବ। ଅତଏବ ପ୍ରତ୍ୟେକ ବର୍ଷରେ ନିର୍ବାଚନ ଅବାଂଛନୀୟ, ଏକ ରାଷ୍ଟ୍ର – ଏକ ନିର୍ବାଚନ ପ୍ରସ୍ତାବକୁ ଆହୁରି ଆଲୋଚନା ମାଧ୍ୟମରେ ଅନୁଶୀଳନ କରାଯାଇ ଆଇନ ଓ ସମ୍ବିଧାନର ବିଧିବ୍ୟବସ୍ଥା ମଧ୍ୟରେ ଜନାଭିମୁଖୀ କରାଯାଇ ସ୍ୱଚ୍ଛ, ନିର୍ମଳ, ନିରପେକ୍ଷ ଗଣତନ୍ତ୍ର ପ୍ରତିଷ୍ଠା କରିପାରିଲେ ଶୁଭଙ୍କର ହେବ। ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବୀଙ୍କ ସହମତିରେ ଦେଶ ନୂତନ ଅଧ୍ୟାୟ ନିଶ୍ଚିତ ରୂପେ ସୃଷ୍ଟି କରିପାରିବ।

ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ

# ଲଗୁରୁ ପଣ୍ଡିତ ରଘୁନାଥ ମୁର୍ମୁ



ଦଶରଥ ହେମ୍ବ୍ରମ୍

ଭାରତରେ ସାନ୍ତାଳୀ ଭାଷା ଏବଂ ସାନ୍ତାଳ ରାଜ୍ୟ ପ୍ରତିଷ୍ଠା କରିବା ପାଇଁ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ଅନେକ ସମୟ ଧରି ବିଭିନ୍ନ ସ୍ଥାନରେ ଦେଶ ସ୍ୱାଧୀନତା ପୂର୍ବରୁ କିମ୍ବା ପରେ ସାନ୍ତାଳ ଆନ୍ଦୋଳନର ଦୃଶ୍ୟ ଇତିହାସ ସାକ୍ଷୀ ରହିଛି। ଜନ୍ମ ମାଟିରେ ବିଦେଶୀ ଶାସନ ହଟେଇ ସ୍ୱ-ଶାସନ ଆଣିବା ପାଇଁ ଅନେକ ସାନ୍ତାଳ ସଂଗ୍ରାମୀ ଇଂରେଜ ବିରୋଧରେ ଲଢେଇ କରି ସେମାନେ ସହିଦ ହୋଇଛନ୍ତି କିନ୍ତୁ କେତେ ଲୋକଙ୍କ ଜୀବନ ଯେ ଚାଲି ଯାଇଛି ତାହା ହିସାବ-କିତାବ ନାହିଁ। ସାନ୍ତାଳୀ ଭାଷାକୁ ସୁରକ୍ଷା ଦେବା ପାଇଁ ଅନେକ ଗୁରୁ ଏବଂ ଭାଷାପ୍ରେମୀ ସାନ୍ତାଳ ଜାତିରେ ଜନ୍ମଗ୍ରହଣ କରିଥିଲେ କିନ୍ତୁ ସାନ୍ତାଳୀ ଲିପି ନଥିବାରୁ ସେମାନେ କୌଣସି ପୁସ୍ତକ ଲେଖିବାର ସୁଯୋଗ ହାତଛଡ଼ା କରିଦେଇଥିଲେ। ଇଂରେଜ ଶାସନ ଭାରତରେ ଚାଲିଥିବା ବେଳେ ବିଦେଶୀ ଭାଷାବିତ୍ମାନେ ଭାରତକୁ ଆସି ସାନ୍ତାଳୀ ଭାଷା ଶିଖି ଅନେକ ଗବେଷଣାତ୍ମକ ସାନ୍ତାଳୀ ପୁସ୍ତକ ରୋମାନ ଏବଂ ବଙ୍ଗାଳୀ ଭାଷାରେ ଲେଖି ଯାଇଛନ୍ତି କିନ୍ତୁ ଦେଶରେ ତାହା ଆଦର କଣ ପାଇଁ ପାଇ ପାରି ନଥିଲା, ତାହା ଲୋକମାନେ ହିଁ ସ୍ପଷ୍ଟ କରିପାରିବେ। ସେହି ସମୟରେ ସାନ୍ତାଳୀ ଭାଷାକୁ ରାଷ୍ଟ୍ର ଭାଷାରେ ମାନ୍ୟତା ଦେବାପାଇଁ ବିଧିବଦ୍ଧ ଯୋଜନା ଚାଲିଥଲା କିନ୍ତୁ ଶେଷ ପର୍ଯ୍ୟାୟରେ ତାହା କାହିଁକି ନାକଚ କରାଗଲା, ତାହା କେବଳ ବ୍ରିଟିଶମାନେ ହିଁ ଜାଣିଥିଲେ। ହୁଏତ, ସେହି ସମୟରେ ନେତୃତ୍ୱ ନେଉଥିବା ସାନ୍ତାଳୀ ବୁଦ୍ଧିଜୀବୀମାନେ ଶିକ୍ଷା କ୍ଷେତ୍ରରେ ଏତେ ପରିମାଣରେ ସଚେତନ ନୁହନ୍ତି ବୋଲି ସାନ୍ତାଳୀ ଭାଷା ମାନ୍ୟତା ପାଇବାରୁ ବଞ୍ଚିତ ହେଲା, ଏଥିରେ କୌଣସି ସନ୍ଦେହ ନାହିଁ। ୧୯୪୭ରେ ଦେଶ ସ୍ୱାଧୀନତା ପାଇଲା ପରେ ଭାଷାଭି ତ୍ତିରେ ରାଜ୍ୟଗୁଡିକ ସ୍ଥାପିତ ହେବାକୁ ଲାଗିଲା କିନ୍ତୁ ସାନ୍ତାଳମାନଙ୍କୁ ଏଥିରୁ ଉପେକ୍ଷା କରାଗଲା ଏହା ମଧ୍ୟ ସେହି ସମୟରେ ଥିବା ଜ୍ଞାନୀଗୁଣିମାନେ ହିଁ ପ୍ରମାଣ ଦେଇପାରିଥାନ୍ତେ। କିନ୍ତୁ ଏନେଇ ସାନ୍ତାଳ ଲୋକମାନେ ଜାନୁଆରୀ ୧, ୧୯୪୮ ଏବଂ ଫେବୃଆରୀ ୬, ୧୯୪୯ରେ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାରେ ପଛାଇ ନଥିଲେ, ତେବେ ଅନେକ ସାନ୍ତାଳ ସଂଗ୍ରାମୀ ସହିଦ ହେଉଥିବାବେଳେ କିଛି ସଂଗ୍ରାମୀମାନଙ୍କ ବିରୋଧରେ ମିଛ ମୋକଦ୍ଦମା ରୁଜୁ କରି ଆନ୍ଦୋଳନକୁ ସମାପ୍ତ କରି ଦିଆଯିବାର ବହୁତ ବଡ଼ ଷଡ଼ଯନ୍ତ୍ର ରଚି ଦିଆଯାଇଥିଲା। ସାନ୍ତାଳ ଲୋକମାନେ ହାର ନମାନି ସାନ୍ତାଳ ରାଜ୍ୟ ଏବଂ ଭାଷା ପାଇଁ ଆନ୍ଦୋଳନ ଜାରି ରଖିଥିଲେ। ନଭେମ୍ବର ୧୫, ୨୦୦୦ରେ ଝାଡ଼ଖଣ୍ଡ ରାଜ୍ୟ ଗଠିତ ହେଲାପରେ ପରେ ଡିସେମ୍ବର ୨୨, ୨୦୦୩ରେ ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରି ଆନ୍ଦୋଳନର ଅନ୍ତ ଘଟିଥିଲା ସତ, କିନ୍ତୁ ଝାଡ଼ଖଣ୍ଡ ରାଜ୍ୟରେ ସାନ୍ତାଳୀ ଭାଷା ପ୍ରଥମ ରାଜ୍ୟଭାଷା ଭାବେ ଆଜି ପର୍ଯ୍ୟନ୍ତ ସ୍ୱୀକୃତି ପାଇପାରିଲା ନାହିଁ। ସାନ୍ତାଳୀ ଭାଷାକୁ ଉନ୍ନତ ଏବଂ ସୁରକ୍ଷିତ ରଖିବା ପାଇଁ ୧୯୨୫ରେ ପଣ୍ଡିତ ରଘୁନାଥ ମୁର୍ମୁ 'ଅଲଚିକି' ଲିପି ଆବିଷ୍କାର କରି ଅଲଚିକି ଲିପିରେ ବହି ଛାପିବାକୁ ଆରମ୍ଭ କରିଥିଲେ। ଏନେଇ ଜନଜାଗରଣ କରିବା ପାଇଁ ଅନେକ ସଂଗଠନ ସହିତ ଜଡ଼ିତ ହେଲେ ଏବଂ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇଥିଲେ। ତେଣୁ ତାଙ୍କୁ କୁହାଯାଏ, ଏକାଧାରରେ ଦେଶସେବକ, ଜନନାୟକ, କବି, ଲେଖକ, ନାଟ୍ୟକାର, ବୈଜ୍ଞାନିକ, ଦାର୍ଶନିକ ଏବଂ ଆଦର୍ଶ ଶିକ୍ଷକ। ସାନ୍ତାଳୀ ଭାଷା ଓ ଲିପିର ପ୍ରଚାର ଓ ପ୍ରସାର କିପରି ହେଇପାରିବ ସେନେଇ ସେ ଚିନ୍ତାବ୍ୟକ୍ତ କରୁଥିବା ବେଳେ ତତ୍ପରତା ଦେଖା ଦେଇଥିଲା। ତେଣୁ ପ୍ରତ୍ୟେକ ସାନ୍ତାଳ ଗାଁକୁ ଗାଁ ଯାଇ ଲୋକମାନଙ୍କୁ ଏ ବାବଦରେ ସଚେତନ କରାଇବା ସହିତ ଲୋକମାନଙ୍କୁ ଅଲଚିକି ଲିପି ଶିଖାଇ ଦେଉଥିଲେ। କେବଳ ସେତିକିରେ ସୀମିତ ନୁହଁ, ସେମାନଙ୍କ ପାଖରେ କିପରି ଖଣ୍ଡେ ଖଣ୍ଡେ ପୁସ୍ତକ ପହଞ୍ଚାଇ ହେବ ସେନେଇ ଚିନ୍ତା ମଧ୍ୟ କରିଲେ। ତେଣୁ କିଛି ବର୍ଷ ମଧ୍ୟରେ ଅଲଚିକି ଲିପିର ଛାପାକଳ ପ୍ରତିଷ୍ଠା କରିବାରେ ସେ ଥିଲେ ସଫଳ ସ୍ରଷ୍ଟା। ଏହି ପରିପ୍ରେକ୍ଷୀରେ ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ଏକ ନ୍ତତନ୍ତ କଳ' ମଧ୍ୟ ତିଆରି କରି ରାଜ୍ୟ ତଥା ଦେଶରେ ସୁନାମ ଅର୍ଜନ କରିବାରେ ସେ ଥିଲେ ପ୍ରଥମ ବ୍ୟକ୍ତି। ଏଣୁ ତାଙ୍କର ତ୍ୟାଗ ଏବଂ ନିଷ୍ଠା ବଳରେ ଜାତୀୟ ସ୍ତରରେ ଅନ୍ୟ ମହାପୁରୁଷଙ୍କ ସହିତ ସମକକ୍ଷ ହୋଇପାରିଛନ୍ତି ।ମେ ୫, ୧୯୦୫ ମସିହା ବୈଶାଖ ପୂର୍ଣ୍ଣିମା ଦିନରେ ପଣ୍ଡିତ ରଘୁନାଥ ମୁର୍ମୁ ମୟୁରଭଞ୍ଜ ଜିଲ୍ଲା ଦାଣ୍ଡବୋଷ, ଡାହାରଡ଼ିହି ଗ୍ରାମରେ ପିତା ନନ୍ଦଲାଲ ଏବଂ ମାତା ସଲମାଙ୍କ ଔରସରୁ ଜନ୍ମ ହେଇଥିଲେ। ପରମ୍ପରା ଅନୁସାରେ ନବଜାତ ଶିଶୁର ନାମ ତାଙ୍କ ଜେଜେଙ୍କ ନାମରେ ନାମିତ ହୁଏ, ତେଣୁ ଜେଜେଙ୍କ ନାମ ଅନୁସାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ନ୍ତଚୁନୁ' ନାମରେ ଗାଁ ଲୋକେ ଡାକିବା ଆରମ୍ଭ କରିଥିଲେ। କିନ୍ତୁ ଚୁନୁ ନାମ ତାଙ୍କ ପାଇଁ ଶୁଭଙ୍କର ନୁହଁ ବୋଲି ସାନ୍ତାଳ ଓଝା/ଗୁରୁ ଖଡ଼ିପାୀରୁ ପାଇବା ପରେ ନାମ ପରିବ ର୍ତ୍ତନ ପାଇଁ ତାଙ୍କ ମାତାପିତାଙ୍କୁ କୁହାଗଲା। ଓଝା/ଗୁରୁଙ୍କ ଆଦେଶକୁ ପାଳନ କରିବାକୁ ଯାଇ 'ରାଘୁନାଥ' ନାମରେ ନାମିତ କରିଦିଆଗଲା। ତେବେ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ତାଙ୍କୁ ରାଘରୁ ନ୍ତରଘୁନାଥନ୍ତ ନାମରେ ସମ୍ବୋଧିତ କରାଗଲା।ଜନ୍ମ ମାଟିରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ଗମ୍ଭାରୀଆ ପ୍ରାଥମିକ ବିଦ୍ୟାଳୟରେ ୧୯୧୩ରେ ନାମ ଲେଖାଇ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଲେ। କିନ୍ତୁ ପଢୁଥିବା ସମୟରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପାଠ ପଢ଼ା ହେଉଥିଲା, ଯାହା ଫଳରେ ତାଙ୍କୁ ବୁଝିବାକୁ ବହୁତ କଷ୍ଟ ଲାଗୁଥିଲା। ଏନେଇ ତାଙ୍କ ପିତାଶ୍ରୀ ଏବଂ ମାତାଙ୍କ ପାଖରେ ଅଭିଯୋଗ ଆଣିଲେ, ବିଦ୍ୟାଳୟରେ ଓଡିଆ ଓ ଇଂରାଜୀରେ ପାଠପଢ଼ା ହୁଏ କିନ୍ତୁ ଆମ ସାନ୍ତାଳୀ ଭାଷାରେ ପଢ଼ା ହୁଏନି। ତେଣୁ ବିଦ୍ୟାଳୟକୁ ଯିବା ପାଇଁ ସେ ରୋକଠୋକ ମନା କରିଦେଲେ। ତାଙ୍କ ପିତାମାତା ଏନେଇ ବୁଝାଇ କହିଲେ କି, ନ୍ତସବୁ ଦିନ ବିଦ୍ୟାଳୟକୁ ଯିବୁ, ମନ ଦେଇ ପାଠ ପଢ଼ିବୁ, ଗୁରୁଙ୍କ କଥା ସଦା ମାନିବୁ, ଦେଖିବୁ ଗୁରୁଙ୍କ ଆଶୀର୍ବାଦ ତୋ ଉପରେ ରହିଲେ ଦିନେନା ଦିନେ ନିଶ୍ଚୟ ତୋ ସ୍ୱପ୍ନ ସଫଳ ହେବ ଏବଂ ଦେଶରେ ତୋ ନାମ ରହି ଲୋକେ ତୋତେ ପୂଜା କରିବେ ଆଉ ଆମ ଆଶୀର୍ବାଦ ନିତି ତୋ ଉପରେ ରହିବ।ନ୍ତ ପଣ୍ଡିତ ରଘୁନାଥ ପିତାମାତାଙ୍କ କଥା ମାନି ସବୁଦିନ ବିଦ୍ୟାଳୟକୁ ଗଲେ। ସବୁ ପିଲାଙ୍କ ମଧ୍ୟରୁ ଭଲ ପାଠ ପଢ଼ିଲେ। ସେହି ସମୟରେ ସେ ଜଣେ ମେଧାବୀ ଛାତ୍ର ଭାବେ ଗଣ୍ୟ ହେଉଥିଲେ। ୧୯୧୫ରେ ବହଳଦା ୟୁପି.ଏମ.ଇ ସ୍କୁଲରେ ନାମ ଲେଖାଇ ସପ୍ତମ ଶ୍ରେଣୀ ଯାଏଁ ପାଠ ପଢ଼ିଲେ। ତା'ପରେ ବାରିପଦା ଏମ.ପି.ସି ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ୧୯୨୮ରେ ଦଶମ ଉ ର୍ତ୍ତୀର୍ଣ୍ଣ ହେଲେ କିନ୍ତୁ ଲିପିକୁ କେମିତି ଆବିଷ୍କାର କରିବେ ସେନେଇ ତାଙ୍କ ମନରେ ସବୁବେଳେ ଚିନ୍ତା ରହିଥିଲା। ପିତାମାତା ଏବଂ ଗୁରୁଙ୍କ ଆଶୀର୍ବାଦରୁ ସାନ୍ତାଳୀ ଭାଷାକୁ ଲେଖିବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ସାନ୍ତାଳୀ ଲିପି ଆବିଷ୍କାର କରିବାରେ ସଫଳତା ଅର୍ଜନ କରିପାରିଥିଲେ।

ସାନ୍ତାଳୀ ଭାଷା ଓ ଅଲଚିକି ଲିପିର ପ୍ରସାରକୁ ଅଧିକ ସମୟ ଦେବା ନିମନ୍ତେ ସେ ଓଡିଶା, ପଶ୍ଚିମ ବଙ୍ଗ, ବିହାର ଏବଂ ଆସାମରେ ଥିବା ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳକୁ ଗସ୍ତ କରି ପ୍ରତି ସାନ୍ତାଳଙ୍କୁ ବୁଝାଇଲେ। କିନ୍ତୁ ବିନା ସଙ୍ଗଠନରେ ଏହା ସମ୍ଭବ ନୁହଁ ବୋଲି ହୃଦଙ୍ଗମ କଲେ। ତେଣୁ ତାଙ୍କ ନେତୃତ୍ୱରେ ୧୯୪୬ରେ 'ଖେରୱାଲ ଜାର୍ପା ସମିତି' ସଂଗଠନ ପ୍ରତିଷ୍ଠା କରାଗଲା। ୧୯୫୨ରେ 'ଅଲ ସମିତି' ସଂଗଠନ ତିଆରି କରିବାର ବାର ବର୍ଷପରେ ତାହା ପରିବ ର୍ତ୍ତନ କରି 'ଆଦିବାସୀ ସାମାଜିକ, ଶିକ୍ଷା, ସଂସ୍କୃତି ପରିଷଦ' ୧୯୬୪ରେ ପ୍ରତିଷ୍ଠା କରାଯାଇଥିଲା। ଏହା ଭିତରେ ସେ ଅନେକ ପୁସ୍ତକ ରଚନା କରିବାରେ ସଫଳ ହେଲେ। ଅଲଚିକି ଲିପିରେ ଛାପିବା ପାଇଁ ଅଲଚିକି ଅକ୍ଷର ଆବଶ୍ୟକତା ଥିବାରୁ କଲିକତାରୁ ଛାପାକଳ ଆଣି ଜାମସେଦପୁର କରଣ୍ଡିଠାରେ ନ୍ତବିଦୁ ଚାନ୍ଦାନ' ପ୍ରେସ ସ୍ଥାପନ କରିଲେ। ସାନ୍ତାଳୀ ସହଜ ଶିକ୍ଷା ନ୍ତଅଲ ଚେମେଦ ସହିତ ପାର୍ଶୀ ପହା, ପାର୍ଶୀ ଆପାଦ' ଆଦି ରଚନା କରି ସାନ୍ତାଳ ସମ୍ପ୍ରଦାୟର ଥିବା ଲୋକମାନଙ୍କୁ ଶିକ୍ଷା ପ୍ରଦାନ କରିବା ଆରମ୍ଭ କଲେ। ତା'ପରେ ଏଲଖା(ଗଣିତ), ରନଳ(ବ୍ୟାକରଣ) ଆଦି ପୁସ୍ତକ ସମେତ ବିଭିନ୍ନ କବିତା, ନାଟକ, ଗଳ୍ପ ପୁସ୍ତକ ରଚନା କରି ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ପୁସ୍ତକ ହେବ ସାନ୍ତାଳୀ ଅଲଚିକି ଲିପିରେ ଛାପିଥିଲେ। ସାନ୍ତାଳ ସମାଜ ପ୍ରତି ଆପ୍ରାଣ ଉଦ୍ୟମ ଏବଂ କଠିନ ପରିଶ୍ରମକୁ ଉପଲବ୍ଧି କରି ୧୯୫୬ରେ ସର୍ବ ଭାରତୀୟ ସାରନା ମହାସଭା, ଜାମସେଦପୁର କରଣ୍ଡିଠାରେ ଜୟପାଲ ସିଂ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ନ୍ତଗୁରୁ ଗୋମକେ' ଉପାଧି ପ୍ରଦାନ କରିଥିଲେ। ସେମିତି ପଶ୍ଚିମବଙ୍ଗ ସରକାର ତାମ୍ରଫଳକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ତାଙ୍କୁ ସମ୍ମାନୀତ କରାଯାଇଥିଲା। ରାଞ୍ଚି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧିରେ ସମ୍ମାନୀତ ହୋଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ମାର୍ଟିନ ଓରାମ ତାଙ୍କୁ ନ୍ତଧରମ ଗୁରୁ' ନାମରେ ସମ୍ବୋଧନ କରିଲେ। ସେହିପରି ମହାନ ଜନନାୟକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ବାରିପଦାସ୍ଥିତ ଭେଷଜ ମହାବିଦ୍ୟାଳୟ ନାମକରଣ ହୋଇଥିବାବେଳେ ପଶ୍ଚିମବଙ୍ଗର ଜାମବାଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଏବଂ ମୂର୍ସିବାଦଠାରେ କଲ୍ୟାଣ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ସାନ୍ତାଳ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିବା ମହାତ୍ମା, ଧରମ ଗୁରୁ, ଗୁରୁ ଗୋମକେ, ପାର୍ସି ସିଂଜ ଚାନ୍ଦ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ୧୯୮୨ ଫେବୃଆରୀ ୧ ତାରିଖରେ ପରଲୋକ ହୋଇଥିଲା। ଏହି ମହାନ ବ୍ୟକ୍ତି ଭାରତର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ଜ୍ଞାନପୀଠ ଏବଂ ଭାରତରତ୍ନ ଭଳି ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ପାଇବା ପାଇଁ ଯୋଗ୍ୟବିବେଚିତ ନହେବା ସାନ୍ତାଳମାନଙ୍କ ପାଇଁ ସୁନିଶ୍ଚିତ ଅଶୁଭ ପରି ମନେ ହୁଏ ।

ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି
ନିବାରଣ ବିଭାଗ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେନରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେନରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛି । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଲିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂର୍ଣ୍ଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'।ଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଉତ୍ତେଜନା

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ସୁନ୍ଦୁରିଆ ପଂଚାୟତ ସାରୋଇ ଛକ ନିକଟରେ ଥିବା ଏକ ଘରୋଇ ଚିକିତ୍ସାଳୟରେ ନବଜାତ ଶିଶୁପୁତ୍ରର ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି । ଚିକିତ୍ସା ଅବହେଳାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ କରି ସଂପର୍କୀୟମାନେ ହୋହଲ୍ଲା କରିଥିଲେ । ଉପଯୁକ୍ତ କ୍ଷତିପୂରଣ ଓ ପ୍ରସୂତୀ ମହିଳାଙ୍କୁ ଆବଶ୍ୟକ ଚିକିତ୍ସାସେବା ଯୋଗାଇ ଦେବା ଦାବିରେ ସେମାନେ ଡାକ୍ତରଖାନାରେ ଧାରଣା ଦେଇଥିଲେ । ପ୍ରକାଶ ଯେ, ରସୁଲପୁର ବ୍ଲକ୍ ଓଡ଼ିଶୋ ପଂଚାୟତ ଅର୍ଡିଆ କୁସୁନପୁର ଗାଁର ବ୍ରଜକିଶୋର ସ୍ୱାଇଁ ପତ୍ନୀ ସୁଭଦ୍ରା ସିଂହଙ୍କୁ ପ୍ରସବ ନିମନ୍ତେ ଗତ ୧ ତାରିଖ ଭୋରୁ ସାରୋଇସ୍ଥିତ ସେବା ମଲ୍ଟି ସ୍ପେସିଆଲଟି ହସ୍‌ପିଟାଲରେ ଭର୍ତ୍ତି କରିଥିଲେ । ସକାଳ ୯ଟାରେ ସୁଭଦ୍ରାଙ୍କୁ ଅସ୍ତ୍ରୋପଚାର କରାଯାଇ ଏକ ଶିଶୁପୁତ୍ର ପ୍ରସବ କରାଯାଇଥିଲା । ତେବେ ପିଲାଟି ଆଜି ପୂର୍ବାହ୍ନରେ ଖିଆପିଆ କରିନଥିଲା । ଏ ସଂପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଖାଦ୍ୟ ବୋତଲରେ ନଦେଇ ତାଟିଆ ଚାମଚରେ ଦେବାକୁ ପରାମର୍ଶ ଦେଇଥିଲେ । ପିଲାକୁ ଚାମଚରେ ଖାଇବାକୁ ଦେବା ସମୟରେ ହିକା ଉଠି ଅପରାହ୍ନ ପ୍ରାୟ ୨ଟାରେ ତାର ମୃତ୍ୟୁ ହୋଇଥିଲା । ତେବେ ଶିଶୁ ବିଭାଗ ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହେଲା ବୋଲି ଅଭିଯୋଗ କରି ସଂପର୍କୀୟମାନେ ହୋହଲ୍ଲା କରିଥିଲେ । ଖବରପାଇ ପୁଲିସ୍ ପହଁଚି ବିବାଦର ସମାଧାନ ପାଇଁ ଉଦ୍ୟମ ଚଳାଇଛି । ତେବେ ଖାଦ୍ୟ ଦେବା ସମୟରେ ଏହା ଶ୍ୱାସନଳୀକୁ ଚାଲିଯାଇ ହିକା ଦେବାରୁ ଶିଶୁଟିର ମୃତ୍ୟୁ ହୋଇଛି । ଏଥିରେ ଡାକ୍ତରଖାନା ପକ୍ଷରୁ କୌଣସି ଅବହେଳା କରାଯାଇନଥିବା ପ୍ରୋପାଇଟର ଡ. ପୂଜାରିଣୀ ବେହୁରିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଧର୍ମଶାଳା କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଗଙ୍ଗାଧରପୁର ପଂଚାୟତର କଣିପାଟିଆ ଗ୍ରାମସ୍ଥିତ ମହିମା ଆଶ୍ରମରେ ୧୩ନମ୍ବର ଜୋନ୍‌ର କର୍ମୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଛି । ବ୍ଲକ୍ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ଯୋଗଦେଇ ଦଳ ପକ୍ଷରୁ ଘୋଷଣା କରାଯାଇଥିବା ୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରିବା ପାଇଁ ପରାମର୍ଶ ଦେଇଥିଲେ । କଂଗ୍ରେସ ଶାସନ ସମୟରେ ଧର୍ମଶାଳାରେ ବିକାଶଯାତ୍ରା ଆରମ୍ଭ ହୋଇଥିଲା । ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପଣ୍ଡା ସମସ୍ତଙ୍କ ସହଯୋଗ କାମନା କରିଥିଲେ । କଂଗ୍ରେସ ନେତା ବସନ୍ତ କୁମାର ପରିଡ଼ା, ବାବୁଲି ମଲିକ, ଅନିରୁଦ୍ଧ ରାଉତ, ସୁରେଶ ଚନ୍ଦ୍ର ରାଉତ, କେଦାର ରାୟ, ସୁନାକର ସାମଲ, ନବକିଶୋର ମହାନ୍ତି, କାହ୍ନୁ ଚରଣ ନାୟକ, ନିତ୍ୟାନନ୍ଦ ଦାସ, ମହେଶ୍ୱର ରାଉତ, ପୀତବାସ ପାଳ, କୈଳାସ ସାମଲ, କପିଳେନ୍ଦ୍ର ସ୍ୱାଇଁ, ଦେବପ୍ରସାଦ ରାୟ, ପ୍ରଶାନ୍ତ ମଲିକ, ସାଗର ପାଳ, ବାବୁ ଖାଁ, ଗଙ୍ଗାଧର ଦାସ, ପଂଚାନନ ଦାସ, ମୁକୁନ୍ଦ ରାଉତ, ନୀଳମଣି ସ୍ୱାଇଁ, ଗନ୍ଧର୍ବ ଦାଶ, ବାବାଜି ରାଉତ, ଦାମ ସାମଲ, କେଶବ ମଲିକ, ପ୍ରମୋଦ ମଲିକ, ଅକ୍ଷୟ କୁମାର ବରାଳ ଓ ପ୍ରଶାନ୍ତ ଦାଶ ଯୋଗଦେଇ କଂଗ୍ରେସ ପ୍ରାର୍ଥୀ କିଶାନ ପଣ୍ଡାଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ । ଯୁବନେତା ଦେବାଶିଷ ପରିଡ଼ା ଧନ୍ୟବାଦ ଦେଇଥିଲେ ।

## କୁମାରୀ ପଂଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ କୁମାରୀ ପଂଚାୟତରେ ଆଜି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଆହ୍ୱାନକ୍ରମେ ତଥା ପଂଚାୟତ ବିଜେଡ଼ି ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ପଂଚାୟତ ଯୁବ ବିଜେଡି ସଭାପତି ଶକ୍ତିପ୍ରସନ୍ନ ଦାଶ, ସଂପାଦକ ସୋମ୍ୟରଂଜନ ରାଉତ, ବୁଥ୍ ସଭାପତି ବିଜୟ କୁମାର ବରାଳ, ରଶ୍ମିରଂଜନ କର, ହୃଷୀକେଶ ସାମଲ, ଦେବଦତ ମହାନ୍ତି, ବିନୋଦ କୁମାର ରାୟ, ମନୋରଂଜନ ମହାନ୍ତି, ପ୍ରଫୁଲ ରଣା, ଚନ୍ଦ୍ରଶେଖର ବେହେରା, କାଳିଚରଣ ଶତପଥୀ, ସୁଶାନ୍ତ କୁମାର ଭୂୟାଁ, ରାମଚନ୍ଦ୍ର ବାରିକ, ପରେଶ କୁମାର ସାହୁ, ମନୋଜ କୁମାର ଦାସ, କଳ୍ପତରୁ ସାହୁ, ବିଶ୍ୱଜିତ୍ ସେଠୀ, ଗରିଧାରୀ ବେହେରା, ବାସୁଦେବ ମିଶ୍ର, ଗୋଲକ ରାଉତ, ଗଗନ ବିହାରୀ ଆଇଚ, ସୟଦ୍ ଗୁଲାମ୍ ମୁସ୍ତାଫା, ରଶ୍ମିରଂଜନ ରାୟ, ଉମେଶ ବାରିକ, ଅମୂଲ୍ୟ କୁମାର ମହାରଣା, ସୁନିଲ କୁମାର ରାତରାୟ ଓ ବିନୋଦ ବିହାରୀ ପରିଡ଼ା ପଂଚାୟତର ୧୪ଟି ୱାର୍ଡରେ ଘରକୁ ଘର ବୁଲି ଲୋକମାନଙ୍କର ବିଭିନ୍ନ ସମସ୍ୟା ସମସ୍ୟା ସଂପର୍କରେ ପଚାରି ବୁଝିବା ସହ ବିଜେଡ଼ି ସରକାରଙ୍କର ସମସ୍ତ ଲୋକାଭିମୁଖୀ ଯୋଜନା ସଂପର୍କରେ ଅବଗତ କରିଥିଲେ । ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଧର୍ମଶାଳାରେ ବହୁ ବିକାଶମୂଳକ କାମ କରିଥିବା ବେଳେ ୧୦ବର୍ଷ ହେଲା ଧର୍ମଶାଳାବାସୀଙ୍କ ସେବା କରୁଛନ୍ତି । ଏହି ଧାରାକୁ ଆଗେଇ ନେବାକୁ ତାଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ କରିବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ ।

## ମା' ଶାରଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ଦେଉଳିପାଳ ଗ୍ରାମର ସୀମାନ୍ତରେ ଥିବା ମା' ଶାରଳାଙ୍କ ପୀଠରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ମହାଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ଯଜ୍ଞୋତ୍ସବରେ ସୂର୍ଯ୍ୟପୂଜା, ଗୋ-ପୂଜା ଓ ଚଣ୍ଡୀପାଠ କରାଯାଇଥିଲା । ଗତ ୨ ତାରିଖରେ ଗୋକର୍ଣ୍ଣେଶ୍ୱର ପୀଠ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଶ୍ରଦ୍ଧାଳୁ ମହିଳାମାନେ କଳସରେ ଜଳ ଆଣିବା ପରେ ଘଟସ୍ଥାପନ କରାଯାଇଥିଲା । ଏହି ଯଜ୍ଞରେ କର୍ତାଭାବେ ବିଶ୍ୱପ୍ରତାପ ଶତପଥୀ ଓ କର୍ତୀ ଭାବେ ତନୁଶ୍ରୀ ଶତପଥୀ ଓ ଉପକର୍ତା ଭାବେ ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ ଯଜ୍ଞ ସଂଚାଳନ କରିଥିଲେ । ଧର୍ମଶାଳା ବ୍ଲକ୍ ଅଧକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା, ସମାଜସେବୀ ମିନତୀ ସାହୁ, ଡାକ୍ତର ବିଜୟ କୁମାର ଶତପଥୀ, ପୂର୍ବତନ ଜିଲାପରିଷଦ ସଭ୍ୟ ନିରଂଜନ ରାଉତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯଜ୍ଞରେ ଯୋଗ ଦେଇଥିଲେ । ପଣ୍ଡିତ ଆଲୋକ ପାଢ଼ୀଙ୍କ ନେତୃତ୍ୱରେ ୪ଜଣ ସହଯୋଗୀ ପଣ୍ଡିତ ପୂର୍ଣ୍ଣାହୁତି କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସର୍ଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।

## କେନ୍ଦ୍ରାପଡା ମହାବିଦ୍ୟାଳୟରେ ପିଜି ଛାତ୍ରଛାତ୍ରୀଙ୍କ ଧାରଣା : ୩ ଶହ ପିଜି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରରେ

କେନ୍ଦ୍ରାପଡ଼ା, ୪।୫: କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ନାତକୋତର (ପିଜି) ପାଠ୍ୟକ୍ରମ ଓ ପରୀକ୍ଷା ପରିଚାଳନାରେ ବ୍ୟାପକ ବିଭ୍ରାଟ ହୋଇଥିବା ପ୍ରତିବାଦରେ ପ୍ରବଳ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିବା ଦେଖାଯାଇଛି । ମହାବିଦ୍ୟାଳୟର ଶତାଧିକ ପିଜି ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିବା ଦେଖାଯାଇଛି । ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ମହାବିଦ୍ୟାଳୟରେ ମୋଟ ୧୫ଟି ବିଭାଗରେ ସେଲ୍ଫ ଫାଇନାନ୍ସିଂ ଜରିଆରେ ପିଜି ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ପୂର୍ବରୁ ମହାବିଦ୍ୟାଳୟରେ କେବଳ ସମାଜ ବିଜ୍ଞାନ ବିଭାଗରେ ପିଜି ପାଠ୍ୟକ୍ରମ ପ୍ରଦାନ କରାଯାଉଥିଲା । ପରବର୍ତ୍ତୀ ସମୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ସମେତ ମୋଟ ୧୪ଟି ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାକୁ ଅନୁମତି ମିଳିଥିଲା । ହେଲେ ସାମଜ ବିଜ୍ଞାନ ବିଷୟ ବ୍ୟତିତ ଅନ୍ୟ ୧୪ଟି ବିଷୟ ପାଇଁ ଅଦ୍ୟାବଧି ଉତ୍କଳ ବିଶ୍ୱବିଦ୍ୟାଳୟର ସହବନ୍ଧିତା (ଆଫିଲିଏସନ୍) ହୋଇପାରିନଥରବା ଜଣାପଡିଛି । ଏଠାରେ ଦୁଇବର୍ଷ ହେଲା ପ୍ରାୟ ୩୦୦ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ପିଜି ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ପିଜି ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ୩ଟି ସେମିଷ୍ଟାର ଓ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଗୋଟିଏ ସେମିଷ୍ଟାର ପରୀକ୍ଷା ଦେଇ ସାରିଥିବା ବେଳେ ଅଦ୍ୟାବଧି ସେମାନଙ୍କୁ ଆଡମିଟ କାର୍ଡ ପ୍ରଦାନ କରାଯାଇପାରିନାହିଁ । ବାରମ୍ବାର ଦାବି ଛାତ୍ରଛାତ୍ରୀମାନେ ଦାବି କରିବା ପରେ ବହୁ ବିଳମ୍ବରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେସନ୍ ନମ୍ବର ଜାରି କରାଯାଇଥିଲା । କିନ୍ତୁ ସେଥିରେ ବହୁ ତୃଟି ରହିଥିବା ଜଣାପଡିଛି । କେଉଁଠି ଦୁଇ ଛାତ୍ରଛାତ୍ରୀଙ୍କୁ ଗୋଟିଏ ରେଜିଷ୍ଟ୍ରେସନ୍ ନମ୍ବର ମିଳିଛି ତ ପୁଣି କେଉଁଠାରେ ଛାତ୍ରଛାତ୍ରୀଙ୍କ ବଦଳରେ ଅଭିଭାବକଙ୍କ ନାଁରେ ବନାନ୍ ଗତ ତୃଟି ଥିବା ଦେଖାଯାଇଛି । ପିଜି ପରୀକ୍ଷାର୍ଥୀଙ୍କ ପରୀକ୍ଷା ସମୟରେ ପିଜି ଉତ୍ତର ଖାତା ବଦଳରେ ଯୁକ୍ତ ୩ ଲେଖାଥିବା ଉତ୍ତର ଖାତା ମିଳୁଛି । ପଚାରିଲେ ଯୁକ୍ତ ୩କୁ କାଟି ସେ ସ୍ଥାନରେ ପିଜି ଲେଖିବାକୁ ପରାମର୍ଶ ଦିଆଯାଉଛି । ବିଭିନ୍ନ ବାବଦକୁ ଫିସ ଆଦାୟ ବେଳେ +୩ ରସିଦ ପ୍ରଦାନ କରାଯାଉଛି । ରସିଦରେ +୩ କଟାଯାଇ ସ୍ନାତକୋତର ଲେଖାଯାଇଛି । ସେହି ପରି ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ଆଇଡି କାର୍ଡରେ ମଧ୍ୟ ତୃଟି ଥିବା ଦେଖା ଯାଇଛି । ଯେଉଁଠି ମାଷ୍ଟର ଇନ୍ କମର୍ସ ବଦଳରେ ଏମ୍‌ଏ ଇନ୍ କମର୍ସ ଲେଖାଯାଇଛି । ପୁଣି ଛାତ୍ରଛାତ୍ରୀଙ୍କ କହିବା କଥା ହେଉଛି ସେମାନଙ୍କ ଅଜାଣତରେ ଇନ୍‌କମ୍ ଟ୍ୟାକ୍ସ ବିଷୟ ଅନର୍ସ ରହିଛି । ଯାହା ସମ୍ପୂର୍ଣ୍ଣ ବେଆଇନ ଅଟେ । ଏକାଡେମିକ୍ କାଉନସିଲ୍, ବୋର୍ଡ ଅଫ୍ ଷ୍ଟଡିଜ୍, ଫାଇନାନ୍ସ ବିଭାଗ ମଧ୍ୟ ନାହିଁ । ଲାଇବ୍ରେରୀ କାର୍ଡ, ପାଠାଗାର ସୁବିଧା, ୱାସ୍‌ରୁମ୍, ଷ୍ଟଡିଟୁର୍ ବ୍ୟବସ୍ଥା ମଧ୍ୟ ନାହିଁ । ସେମାନେ କୌଣସି ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ବସିପରିବେ ନାହିଁ ଓ ପ୍ରମାଣ ପତ୍ର ଠିକ୍ ଭାବରେ ମିଳିବ କି ନାହିଁ । ସେମାନେ ଦ୍ୱନ୍ଦରେ ପଡିଯାଇଛନ୍ତି । ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବା ବେଳେ କଲେଜ କର୍ତ୍ତୃପକ୍ଷ ଏହି ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ମହାବିଦ୍ୟାଳୟର ପିଜି ସେଲ୍ ଅଧକ୍ଷ ବିଶ୍ୱରଞ୍ଜନ ପୁହାଣଙ୍କୁ ଏସମ୍ପର୍କରେ ପଚାରିବାରୁ ସେ କୁହନ୍ତି ଯେ ଛାତ୍ରଛାତ୍ରୀଙ୍କ ସମସ୍ୟା ବାବଦରେ ଆମେ ଅବଗତ ଅଛୁ । ଆମକୁ ଅଣଆନୁଷ୍ଠାନିକ ଭାବେ ମୌଖିକ ଆଫିଲିଏସନ୍ ମିଳିଛି । ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କଟକଣା ହଟିବା ପରେ ପୂର୍ଣ୍ଣଆଫିଲିଏସନ୍ ମିଳିଯିବ । ଏମ୍‌କମ - ଇନ୍‌କମ ଟ୍ୟାକ୍ସ ବଦଳରେ କେବଳ ଏମ୍‌କମ ବିଷୟ ରଖିବା ପାଇଁ ଗତକାଲି ଏକ ପାଞ୍ଚଜଣିଆ କମିଟି ଗଢାଯାଇଛି । ସେହି କମିଟି କଲେଜ ଅଧକ୍ଷକ ନିର୍ଦ୍ଦେଶ କ୍ରମେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ । ଛାତ୍ରଛାତ୍ରୀଙ୍କ ଅନ୍ୟ ଅଭିଯୋଗ ଗୁଡିକର ଖୁବ୍ ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

